بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା 32

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

06 ଅଗଷ୍ଟ 2020     06 ଜହୁର୍ 1399 ହି.ଶ     15 ଜୁଲ୍‌ହଜାଃ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡا لَا تَاۡكُلُوۡۤا اَمۡوَالَـكُمۡ
بَيۡنَكُمۡ بِالۡبَاطِلِ اِلَّاۤ اَنۡ تَكُوۡنَ تِجَارَةً عَنۡ
تَرَاضٍ مِّنۡكُمۡ‌ ۚ وَلَا تَقۡتُلُوۡۤا اَنۡفُسَكُمۡ‌ ؕ اِنَّ
اللّٰهَ كَانَ بِكُمۡ رَحِيۡمًا ○ (النساء:30)

ଅନୁବାଦ- ହେ ବିଶ୍ୱାସକାରୀମାନେ ! ତୁମେମାନେ ପରସ୍ପର ମଧ୍ୟରେ ଅନୁଚିତ ପନ୍ଥାରେ ନିଜ ଧନକୁ ଆତ୍ମସାତ୍ କର ନାହିଁ; କିନ୍ତୁ ପରସ୍ପରର ସମ୍ମତି କ୍ରମେ ବ୍ୟବସାୟ ଦ୍ୱାର ଧନ ଅର୍ଜନ କରିବା ବୈଧ ଅଟେ; ଏବଂ ତୁମେମାନେ ନିଜେ ନିଜକୁ ହତ୍ୟା କର ନାହିଁ; ନିଶ୍ଚୟ ଅଲ୍ଲାଃ ତୁମମାନଙ୍କ ପ୍ରତି ସଦା କରୁଣାମୟ । *(ନିସା: ୩୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

---

**ଈଶ୍ୱର ତୁମ ଜୀବନର ଅସଲ ଉଦ୍ଦେଶ୍ୟ ଏହା ରଖିଛନ୍ତି ଯେ ତୁମେ ଅଲ୍ଲାଃଙ୍କର ଉପାସନା କର କିନ୍ତୁ ଯେଉଁ ଲୋକମାନେ ନିଜର ଏହି ମୌଳିକ ଓ ପ୍ରାକୃତିକ ଉଦ୍ଦେଶ୍ୟକୁ ଛାଡ଼ି ପଶୁଙ୍କ ପରି ଜୀବନ ଅତିବାହିତ କରୁଛନ୍ତି ଓ ସେମାନଙ୍କ ଜୀବନର ଉଦ୍ଦେଶ୍ୟ ହେଉଛି ଖାଇବା, ପିଇବା ଓ ଶୋଇବା, ସେମାନେ ଈଶ୍ୱରଙ୍କ କୃପାରୁ ଦୂରରେ ରହିଲେ ଏବଂ ସେମାନଙ୍କ ନିମନ୍ତେ ଈଶ୍ୱରଙ୍କର କିଛି କର୍ତ୍ତବ୍ୟ ନଥାଏ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ମଣିଷ ଜୀବନର ଅସଲ ଉଦ୍ଦେଶ୍ୟ

ସୁରତୁଲ୍ ଅସର୍‌ରେ ଅଲ୍ଲାଃ ତାଲା ବିଶ୍ୱାସୀ ଏବଂ ଅବିଶ୍ୱାସୀ ଲୋକମାନଙ୍କ ଜୀବନର ଉଦାହରଣ ପ୍ରଦାନ କରିଛନ୍ତି । ଅବିଶ୍ୱାସୀମାନଙ୍କ ଜୀବନ ସମ୍ପୂର୍ଣ୍ଣରୂପେ ଚତୁଷ୍ପଦ ପ୍ରାଣୀମାନଙ୍କ ଜୀବନ ପରି ହୋଇଥାଏ, ଯେଉଁମାନଙ୍କର ଖାଇବା, ପିଇବା ଏବଂ ଶାରୀରିକ କାମନା ବ୍ୟତିତ ଆଉ କିଛି କାମ ନାହିଁ । **ୟାକୁଲୁନା କମା ତାକୁଲୁଲ୍ ଅନ୍‌ଆମ୍** (ମୁହମ୍ମଦ: ୧୩) ଅର୍ଥାତ ପଶୁମାନଙ୍କ ପରି ସେମାନେ ମଧ୍ୟ ଖାଆନ୍ତି । କିନ୍ତୁ ଦେଖ ଯଦି ଗୋଟିଏ ବଳଦ ଚାରା ତ ଖାଇଥାଏ କିନ୍ତୁ ହଳ କରିବା ସମୟ ଆସିଲେ ବସିରହେ ତେବେ ଏହାର ଫଳାଫଳ କଣ ହେବ ? ଏହା ହେବ ଯେ, ଜମିଦାର ତାକୁ ନେଇ କଂସେଇଖାନାରେ ବିକ୍ରି କରିଦେବ । ସେହିଭଳି (ଯେଉଁ ଲୋକମାନେ ଖୁଦାତାଲାଙ୍କ ନିର୍ଦ୍ଦେଶାବଳୀକୁ ପାଳନ କରୁନାହାନ୍ତି ତଥା ତାହାର ପରବାଏ କରୁନାହାନ୍ତି ଏବଂ ଅବଜ୍ଞା କରି ଦୁଷ୍କର୍ମ ଜୀବନ କାଟୁଛନ୍ତି) ସେମାନଙ୍କ ସମ୍ବନ୍ଧରେ ଅଲ୍ଲାଃ କହୁଛନ୍ତି:- **କୁଲ୍ ମା ୟାବଉବିକୁମ୍ ରବ୍‌ବି ଲୌ ଲା ଦୁଆଉକୁମ୍** (ଅଲ୍‌ଫୁର୍‌କାନ୍: ୭୮) ଅର୍ଥାତ ଯଦି ତୁମେମାନେ ପ୍ରାର୍ଥନା (ଓ କ୍ଷମାଭିକ୍ଷା) ନ କର ତେବେ ଆମ୍ଭର ପାଳନକର୍ତ୍ତା ତୁମମାନଙ୍କୁ ଖାତିର କରନ୍ତି ନାହିଁ; ଏକଥାକୁ ସହୃଦୟତାରେ ମନେରଖିବା ଉଚିତ ଯେ ଖୁଦାତାଲାଙ୍କ ଉପାସନା ପାଇଁ ପ୍ରେମର ଆବଶ୍ୟକତା ରହିଛି । ପ୍ରେମ ଦୁଇ ପ୍ରକାରର ଗୋଟିଏ ହେଉଛି ଉଦ୍ଦେଶ୍ୟ ପ୍ରଣୋଦିତ ଅର୍ଥାତ ତାହା କେବଳ କିଛି ଅସ୍ଥାୟୀ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି କରାଯାଇଥାଏ, ତାହା ସାଧନ ହେବା ସଙ୍ଗେସଙ୍ଗେ ସେହି ପ୍ରେମ ଶୀତଳ ହୋଇ ଦୁଃଖ ଓ ଯନ୍ତ୍ରଣାର କାରଣ ହୋଇଯାଏ । କିନ୍ତୁ ନିସର୍ତ୍ତ ନିଜସ୍ୱ ପ୍ରେମ ପ୍ରକୃତ ଆନନ୍ଦ ଦେଇଥାଏ । ଯେହେତୁ ମନୁଷ୍ୟ ପ୍ରାକୃତିକ ଭାବେ ଈଶ୍ୱରଙ୍କ ପାଇଁ ସୃଷ୍ଟି ହୋଇଛି । ଯେପରି ଏହା କୁହାଯାଇଛି: **ମା ଖଲକ୍‌ତୁଲ୍ ଜିନ୍ନା ଓ୍ୱଲ୍ ଇନ୍‌ସା ଇଲ୍ଲା ଲିୟାବୁଦୁନ୍** (ଜାରିୟାତ: ୫୭) ଅର୍ଥାତ ଆମ୍ଭେ ଜିନ୍ନ ଓ ମନୁଷ୍ୟମାନଙ୍କୁ କେବଳ ଆମ୍ଭର ଉପାସନା ସକାଶେ ସୃଷ୍ଟି କରିଅଛୁ । ଏହି କାରଣରୁ ଈଶ୍ୱର ମନୁଷ୍ୟର ପ୍ରକୃତିରେ ହିଁ ନିଜ ପ୍ରତି କିଛି ନା କିଛି ପ୍ରବୃତି ରଖିଦେଇଛି ଏବଂ ସୂକ୍ଷ୍ମରୁ ସୂକ୍ଷ୍ମ ସାଧନ ଜରିଆରେ ତାକୁ ନିଜ ପାଇଁ ସୃଷ୍ଟି କରିଛି । ଏଥିରୁ ଜଣାପଡୁଛି ଯେ ଈଶ୍ୱର ତୁମ ଜୀବନର ଅସଲ ଉଦ୍ଦେଶ୍ୟ ଏହା ରଖିଛନ୍ତି ଯେ ତୁମେ ଅଲ୍ଲାଃଙ୍କର ଉପାସନା କର । କିନ୍ତୁ ଯେଉଁ ଲୋକମାନେ ନିଜର ଏହି ମୌଳିକ ଓ ପ୍ରାକୃତିକ ଉଦ୍ଦେଶ୍ୟକୁ ଛାଡ଼ି ପଶୁଙ୍କ ପରି ଜୀବନ ଅତିବାହିତ କରୁଛନ୍ତି, ଓ ସେମାନଙ୍କ ଜୀବନ ଉଦ୍ଦେଶ୍ୟ ହେଉଛି ଖାଇବା, ପିଇବା ଓ ଶୋଇବା, ସେମାନେ ଖୁଦାଙ୍କ କୃପାରୁ ଦୂରରେ ରହିଲେ ଏବଂ ସେମାନଙ୍କ ନିମନ୍ତେ ଖୁଦାଙ୍କର କିଛି କର୍ତ୍ତବ୍ୟ ନଥାଏ । ଯେଉଁ ଜୀବନ ପାଇଁ ତା'ର ଆଗ୍ରହ ଥାଏ ତାହା ହେଉଛି **ମା ଖଲକ୍‌ତୁଲ୍ ଜିନ୍ନ ଓ୍ୱଲ୍ ଇନ୍‌ସା ଇଲ୍ଲାଃ ଲିୟାବୁଦୁନ୍** ଉପରେ ବିଶ୍ୱାସ ଆଣି ଜୀବନକୁ ପରିବର୍ତ୍ତନ କରିନିଅନ୍ତୁ । ମୃତ୍ୟୁର ଭରଷା ନାହିଁ । ..............

ଏହି ଅବିଶ୍ୱାସନୀୟ ଜୀବନ ଉପରେ ଭରଷା କରିବା ବୁଦ୍ଧିମାନ ବ୍ୟକ୍ତିଙ୍କର କାମ ନୁହେଁ । ମୃତ୍ୟୁ ବିନା କୌଣସି ଚେତାବନୀରେ ଆସିଥାଏ ଓ ସବୁକିଛି ଶେଷ କରିଦିଏ ଓ ମଣିଷ କିଛି ଜାଣିମଧ ପାରେନାହିଁ । ଯେତେବେଳେ ମଣିଷ ସବୁଦିନ ମୃତ୍ୟୁର କବଳରେ ଥାଏ, ସେତେବେଳେ ସର୍ବଶକ୍ତିମାନ ପରମେଶ୍ୱରଙ୍କ ବ୍ୟତିତ ତା ଜୀବନକୁ କିଏ ନିୟନ୍ତ୍ରଣ କରିପାରେ ?

### ଈଶ୍ୱରଙ୍କ ନିକଟରେ ଉର୍ସ୍ୱର୍ଗୀକୃତ ଜୀବନ

ଯଦି କୌଣସି ବ୍ୟକ୍ତିର ଜୀବନ ଈଶ୍ୱରଙ୍କ ନିକଟରେ ସର୍ମପିତ, ତେବେ ଈଶ୍ୱର ନିଜେ ତାକୁ ରକ୍ଷା କରିବେ । ବୁଖାରୀରେ ଗୋଟିଏ ହଦିସ୍ ଅଛି ଯେ ଯେତେବେଳେ ଜଣେ ବ୍ୟକ୍ତି ସର୍ବଶକ୍ତିମାନ ଭଗବାନଙ୍କ ସହିତ ପ୍ରେମର ବନ୍ଧନ ସୃଷ୍ଟି କରେ, ସେତେବେଳେ ଭଗବାନ ତା'ର ଅଙ୍ଗ ହୋଇଯାଏ । ଅନ୍ୟ ଏକ ରିଓ୍ୱାୟତରେ ଆସିଛି ଯେ ବନ୍ଧୁତ୍ୱର ଏହି ସମ୍ପର୍କ ଏତେ ପରିମାଣରେ ବଢ଼ିଯାଇଥାଏ ଯେ ଈଶ୍ୱର ତା'ର ହାତ ଓ ଗୋଡ଼ ହୋଇଯାଆନ୍ତି, ଏପରି କି ତା'ର ଜିହ୍ୱା ହୋଇଯାଆନ୍ତି ଯାହା ସାହାଯ୍ୟରେ ସେ କଥାବାର୍ତ୍ତା କରିଥାଏ । ଅସଲ କଥା ହେଉଛି ଏହା କି ଯେତେବେଳେ ମଣିଷ ନିଜ ଭିତରର ଆବେଗରୁ ନିଜକୁ ପବିତ୍ର କରିଥାଏ ଓ ଅହଙ୍କାରକୁ ପରିତ୍ୟାଗ କରି ଈଶ୍ୱରଙ୍କ ଇଚ୍ଛା ଅନୁସାରେ ପରିଚାଳିତ ହୋଇଥାଏ ସେତେବେଳେ ତା'ର କୌଣସି କାର୍ଯ୍ୟ ଅନୁଚିତ ହୋଇନଥାଏ । ବରଂ ପ୍ରତ୍ୟେକ କାର୍ଯ୍ୟ ଈଶ୍ୱରଙ୍କ ଇଚ୍ଛାର ଅନୁରୂପ ହୋଇଥାଏ । ଏହାଠାରୁ ବଳି ଏପରି ହୋଇଥାଏ ଯେ ଈଶ୍ୱର ତା'ର କାର୍ଯ୍ୟକଳାପକୁ ନିଜ କାର୍ଯ୍ୟ ବୋଲି ଅଭିହିତ କରିଥାନ୍ତି । ଏହା ଈଶ୍ୱରଙ୍କ ନିକଟତର ହେବାର ଏକ ସ୍ତର, ଯେଉଁଠାରେ ପହଂଚି ଯଦି ଜଣେ ଆଧାତ୍ମିକ ଅନୁସନ୍ଧାନର ମାର୍ଗକୁ ସମ୍ପୁର୍ଣ୍ଣରୂପେ ଅତିକ୍ରମ କରେନାହିଁ, ସେ ଧୋକା ଖାଇଥାଏ । ଅନ୍ୟ କ୍ଷେତ୍ରରେ ଯେଉଁମାନେ ଅଜ୍ଞ, ଈଶ୍ୱରୀୟ ସତା ବିଷୟରେ ପରିଚିତ ନାହାନ୍ତି ଏବଂ ଈଶ୍ୱରଙ୍କ ନିକଟତର ହେବାର ପ୍ରକୃତ ଅର୍ଥକୁ ବୁଝିବାରେ ବିଫଳ ହୋଇଛନ୍ତି, ସେମାନେ ଏହି ବିଷୟକୁ ଭୁଲ ବୁଝିଛନ୍ତି ଏବଂ ଅଦ୍ୱୈତବାଦର ସମସ୍ୟା ସୃଷ୍ଟି କରିଛନ୍ତି । ଏହା ମଧ ଭୁଲିଯିବା ଠିକ୍ ନୁହେଁ ଯେ ଯେତେବେଳେ ମଣିଷ ବିପତି/ପରୀକ୍ଷାରେ ପଡ଼ିଥାଏ, ସେତେବେଳେ ତା'ର କାର୍ଯ୍ୟ ଈଶ୍ୱରଙ୍କ ଇଚ୍ଛା ଅନୁରୁପ ହୋଇନଥାଏ । ଈଶ୍ୱରଙ୍କ ଇଚ୍ଛା ତା'ର ବିପରୀତ ହୋଇଥାଏ । ଏପରି ବ୍ୟକ୍ତି ନିଜ ଇଚ୍ଛା ଓ ଆବେଗ ଅଧିନରେ ବଶୀଭୁତ ହୋଇ ରହିଥାଏ ନା କି ଈଶ୍ୱରଙ୍କ ଇଚ୍ଛାରେ । ଏପରି ବ୍ୟକ୍ତି ଯିଏ ସର୍ବଶକ୍ତିମାନ ଅଲ୍ଲାଃଙ୍କର ବନ୍ଧୁ ଭାବରେ ପରିଚିତ ଓ ଯାହାର ଜୀବନ ଈଶ୍ୱରଙ୍କ ତତ୍ତ୍ୱାବଧାନରେ ଥାଏ, ତା'ର ସମସ୍ତ କର୍ମ ଓ ନିଷ୍କ୍ରିୟତା ଈଶ୍ୱରଙ୍କ ପୁସ୍ତକର ପରାମର୍ଶ ଦ୍ୱାରା ନିର୍ଣ୍ଣୟ ହୋଇଥାଏ । ସେ ନିଜର ପ୍ରତ୍ୟେକ କଥାକୁ ଓ ନିଜର ପସନ୍ଦକୁ ଦୃଷ୍ଟିରେ ରଖି ଅଲ୍ଲାଃଙ୍କ ପୁସ୍ତକ ଆଡ଼କୁ ମୁହାଁଇଥାଏ ଓ ସେଥିରୁ ପରାମର୍ଶ ନେଇଥାଏ ।

ପୁଣି ଏଥିରେ କୁହାଯାଇଅଛି ଯେ ଏହିଭଳି ବ୍ୟକ୍ତିର ପ୍ରାଣ ନେବାକୁ ଅଲ୍ଲାଃ ତାଲାଙ୍କୁ ବହୁତ ଦ୍ୱିଧା ଅନୁଭବ ହୋଇଥାଏ । ବାସ୍ତବରେ ଅଲ୍ଲାଃ ତାଲା ଦ୍ୱିଧାବୋଧରୁ ପବିତ୍ର ଅଟନ୍ତି । ଏହାର ପ୍ରକୃତ ଅର୍ଥ ହେଉଛି ଏକ ବିଶେଷ କାରଣ ଯୋଗୁଁ ତାକୁ ମୃତ୍ୟୁ ଦିଆଯାଏ ଓ ଏକ ମହାନ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ତାକୁ ଆରପାରିକୁ ନିଆଯାଇଥାଏ । ଅନ୍ୟଥା ତା'ର ଉନ୍ନତି ଈଶ୍ୱରଙ୍କୁ ବହୁତ ପ୍ରୀୟ ହୋଇଥାଏ । ଅତଏବ ଯଦି ମଣିଷର ଜୀବନ ଏପରି ନୁହେଁ ଯେ ଈଶ୍ୱର ତାକୁ ନେବାକୁ ଦ୍ୱିଧା ଅନୁଭବ କରୁଥିବେ, ତା'ହେଲେ ଏପରି ଜୀବନ ପଶୁମାନଙ୍କଠାରୁ ହୀନ । ଗୋଟିଏ ଛେଳି ଉପରେ ବହୁତ ଲୋକେ ନିର୍ଭର ହୋଇ ଚଳିଯାଇ

ପାରିବେ ଓ ତା'ର ଚମଡ଼ା ମଧ୍ୟ କାମରେ, ଆସିଥାଏ କିନ୍ତୁ ମଣିଷଠାରୁ କିଛି ଲାଭ ମିଳିନଥାଏ ଏପରି କି ତା'ର ମୃତ୍ୟୁ ପରେ ମଧ୍ୟ ନୁହେଁ । କିନ୍ତୁ ଧାର୍ମିକ ଲୋକର ପ୍ରଭାବ ତା ବଂଶ ଉପରେ ମଧ୍ୟ ପଡ଼ିଥାଏ ଓ ସେମାନେ ମଧ୍ୟ ତା'ଠାରୁ ଉପକୃତ ହୋଇଥାନ୍ତି । ବାସ୍ତବରେ ଏପରି ବ୍ୟକ୍ତି ମରନ୍ତି ନାହିଁ । ମୃତ୍ୟୁ ପରେ ମଧ୍ୟ ଏକ ନୂଆ ଜୀବନ ତାକୁ ମିଳିଥାଏ । ହଜ୍‌ରତ୍ ଦାଉଦ୍ ଆ:ସ କହିଛନ୍ତି ଯେ ମୁଁ ଏକ ଶିଶୁ ଥିଲି ଓ ଏବେ ବୃଦ୍ଧ ବ୍ୟକ୍ତି । କିନ୍ତୁ ମୁଁ ଏପରି କୌଣସି ଧାର୍ମିକ ବ୍ୟକ୍ତିକୁ ଦେଖିନାହିଁ ଯେ ସେ ଅତ୍ୟନ୍ତ ନିକୃଷ୍ଟ ଅବସ୍ଥାରେ ଥିବ କିମ୍ବା ମୁଁ ଏପରି ଲୋକଙ୍କ ପିଲାମାନଙ୍କୁ କେବେ ରୁଟିଖଣ୍ଡ ମାଗୁଥିବାର ଦେଖିନାହିଁ । ଅର୍ଥାତ ଧାର୍ମିକ ବ୍ୟକ୍ତିଙ୍କ ସନ୍ତାନମାନଙ୍କର ଦାୟିତ୍ୱ ମଧ୍ୟ ଈଶ୍ୱର ବହନ କରିଥାନ୍ତି । କିନ୍ତୁ ହଦିସ୍‌ରେ ଆସିଛି ଯେ ଜଣେ ଅତ୍ୟାଚାରୀ ନିଜ ପରିବାର ପ୍ରତି ମଧ୍ୟ ନିଷ୍ଠୁର ହୋଇଥାଏ କାରଣ ସେମାନଙ୍କ ଉପରେ ତା ମନ୍ଦକାର୍ଯ୍ୟର ପ୍ରଭାବ ପଡ଼ିଥାଏ ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୬୭-୧୭୦ ପ୍ରକାଶନ ୨୦୧୮ କାଦିୟାନ)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୦ ର ଅବଶିଷ୍ଟାଂଶ ......*

ହୋଇଯିବି ଓ ବୟତ କରି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଭବିଷ୍ୟବାଣୀ ଉପରେ ବିଶ୍ୱାସ ନେଇ ଆସିବି । ଅତଏବ୍ ଏହି Book Stall ଅବସରରେ ସାକ୍ଷାତ ହୋଇଗଲା । ପୁଣି ସେ ମହାଶୟ ମିଶନ୍ ହାଉସ୍‌ରେ ପହଂଚି ବୟତ କଲେ । ଏବେ ଅଲ୍ଲାଃଙ୍କ କୃପାରୁ ବହୁତ ନିଷ୍ଠାପର ଭାବେ ଯମାତ୍‌ରେ କାଏମ୍ ଅଛନ୍ତି

ଇଣ୍ଡୋନେସିଆରୁ ମୁବଲ୍ଲିଗ୍ ସାହେବ ଜନାବ୍ ମୁହମ୍ମଦ୍ ଅହ୍‌ମଦ୍ ସାହେବ ଲେଖୁଛନ୍ତି ଯେ ଦୀର୍ଘ ସାତ ମାସ ହେବ ମୋ ଯାମତ୍‌ରେ କୌଣସି ନୂଆ ବୟତ ହୋଇନଥିଲା । ରମ୍‌ଜାନ୍ ମାସ ଚାଲିଥିଲା । ଏହି ପବିତ୍ର ମାସରେ ମୁଁ ବହୁତ ଦୁଆ କଲି ଯେ ପ୍ରଭୁ ମତେ କୌଣସି ରାସ୍ତା ଦେଖାଇ ଦିଅନ୍ତୁ ଯାହା ଫଳରେ ଏଠାରେ ନୂଆ ବୟତ ହୋଇପାରିବ । ସେ କହୁଛନ୍ତି ଯେ: ଦିନେ ମୋର ମନେପଡ଼ିଲା ଯେ ଚାରମାସ ପୂର୍ବେ ଜଣେ ମୋବଲ୍ଲିଗ୍ ମତେ ଜଣେ ଗୈର୍ ଅହେମଦୀ (ଅଣ ଅହେମଦୀ) ମୁସଲମାନଙ୍କ ଫୋ୍ ନଂ ଦେଇଥିଲେ ଓ ବତାଇଥିଲେ ଯେ ସେ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜାଣିବାକୁ ଚାହୁଁଛନ୍ତି । ତାଙ୍କ ଘର ମୋ ଯମାତ୍ ନିକଟରେ ଥିଲା । ସେ କହୁଛନ୍ତି ଯେ ମୁଁ Whatsaap ଜରିଆରେ ସେହି ବ୍ୟକ୍ତିଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କଲି କିନ୍ତୁ ତାଙ୍କ ତରଫରୁ କିଛି ଉତର ମିଳିଲା ନାହିଁ । କିଛି ଦିନ ପରେ ତାଙ୍କ ନିକଟରୁ ବାର୍ତା ଆସିଲା ଏବଂ Whatsaapରେ ବାର୍ତାଳାପ ଆରମ୍ଭ ହୋଇଗଲା । ବାର୍ତାଳାପ ଶେଷରେ ସେ ଆମ ମିଶନ୍ ହାଉସ୍‌ର ଠିକଣା ମାଗିଲେ । ପୁଣି କିଛି ଦିନ ପରେ ସେ ମିଶନ୍ ହାଉସ୍‌ରେ ପହଂଚିଲେ ଓ ବୟତ କଲେ । ବୟତର ଗୁରୁତ୍ୱ, ଯୁଗର ଇମାମ୍‌ଙ୍କ ଉପରେ ଅର୍ଥାତ ଯୁଗାବତାରଙ୍କ ଉପରେ ଇମାନ୍ ଆଣିବାର ଆବଶ୍ୟକତା ଏବଂ ମାଲି କୁର୍ବାନୀ ଇତ୍ୟାଦି ସମ୍ବନ୍ଧରେ ଲମ୍ବା ବାର୍ତାଳାପ ହେଲା । ତାଙ୍କ ଉପରେ ଅହେମଦୀୟତ୍‌ର ସତ୍ୟତା ସ୍ପଷ୍ଟ ହୋଇଗଲା । ଫଳତ ସେ ମହାଶୟ ଅଲ୍ଲାଃଙ୍କ କୃପାରୁ ଏହି ବର୍ଷ ଜୁନ୍ ମାସରେ ବୟତ କରି ଯମାତ୍‌ରେ ସାମିଲ ହୋଇଗଲେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପୁଣି ବେଲିଜ୍ ଦେଶର ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ ଲେଖୁଛନ୍ତି ଯେ, ବେଲିଜ୍‌ରେ ସର୍ବ ପ୍ରଥମେ ଯେଉଁ ମହିଳା ଜଣକ ବୟତ କରିଥିଲେ ସେ ହେଉଛନ୍ତି ଖଦିଜା ସାହିବା । ତାଙ୍କ ଜରିଆରେ ବହୁତ ଲୋକଙ୍କୁ ଅହେମଦିୟତ ବିଷୟରେ ଅବଗତ ହୋଇଛନ୍ତି ଓ ଅନେକ ଲୋକ ଯମାତ୍‌ରେ ମଧ୍ୟ ସାମିଲ ହୋଇଛନ୍ତି । ଆଜିକାଲି ସେ ଲଜ୍‌ନାର ସେକ୍ରେଟାରୀ ତବ୍‌ଲିଗ୍ ରୂପେ ସେବା କରୁଛନ୍ତି । ତାଙ୍କର ଏ ଅଭ୍ୟାସ ଯେ ସେ ଯେଉଁସ୍ଥାନକୁ ଯାଆନ୍ତି, ସେଠାରେ ଇସ୍‌ଲାମ୍‌ର ତବ୍‌ଲିଘ୍ କରନ୍ତି । ସେ କହୁଛନ୍ତି ଯେ ଜାନୁୟାରୀ ୨୦୧୯ ମସିହାରେ ବେଲିଜ୍‌ର ଜଲ୍‌ସା ସାଲାନାର କିଛିଦିନ ପୂର୍ବର ଘଟଣା, ସେ ଗାଡ଼ି ଚଳାଇ କୌଣସି ଜଣେ ସଦସ୍ୟଙ୍କୁ ପାଛୋଟିବା ପାଇଁ ଯାଉଥିଲେ ଯେ ଭୁଲବସତଃ ତାଙ୍କର ଆଉ ଏକ ଗାଡ଼ଇ ସହିତ ଧକ୍କା ହୋଇଗଲା । ଯେଉଁ ଗାଡ଼ିଟିକୁ ସେ ଧକ୍କା ଦେଇଥିଲେ ତାହା ଜଣେ ଲୋକର ଘର ସାମନାରେ ରଖାଯାଇଥିଲା । ଗାଡ଼ିର ମାଲିକାଣି ଶ୍ରୀମତି କାର୍‌ଲା ସାହିବା ବାହାରକୁ ଆସିଲେ । ତାଙ୍କୁ ଖଦିଜା ସାହିବା ବହୁତ କ୍ଷମା ମାଗିଲେ ଓ କହିଲେ ଯେ ଭଲ ହେବ ଯଦି ଆମେ ପୋଲିସ୍‌କୁ ଏତେଲା ଦେଇଦେବା । ପୁଣି ଖଦିଜା ସାହିବା ଉକ୍ତ ମାଲିକାଣୀ କାର୍‌ଲା ସାହିବାଙ୍କୁ ଯମାତ୍ ବିଷୟରେ ସୂଚନା ଦେଲେ । ବେଲ୍‌ଜିର ଜଲ୍‌ସା ସାଲାନା ମଧ୍ୟ ହେବାକୁ ଥିଲା, ଏହି ସମୟରେ ସେ ତାଙ୍କୁ ଯମାତ୍‌ର ଜଲ୍‌ସାରେ ଯୋଗ ଦେବାପାଇଁ ନିମନ୍ତ୍ରଣ ମଧ୍ୟ କଲେ । କିଛିଦିନ ପରେ କାର୍‌ଲା ସାହିବା ଜଲ୍‌ସାରେ ଯୋଗଦେଲେ ଏବଂ ଜଲ୍‌ସାରେ ବୟତ କରି ଅହେମଦିୟତ୍‌ରେ ସାମିଲ ହୋଇଗଲେ । ଯେତେବେଳେ ତାଙ୍କୁ ପଚାରାଗଲା ଯେ ଆପଣ ଯମାତ୍‌ରେ କାହିଁକି ସାମିଲ ହେଲେ ? ସେ କହିଲେ ଯେ ମୁଁ କିଛି ଦିନ ହେବ ଆପଣମାନଙ୍କ ସମ୍ବନ୍ଧରେ ମିଡ଼ିଆ ମାଧମରେ ଶୁଣୁଥିଲି, ଏବଂ ଏ ଇଚ୍ଛା ରଖିଥିଲି ଯେ ମୁଁ ମଧ୍ୟ ଆପଣମାନଙ୍କ ସହିତ ମିଶିଯିବି କିନ୍ତୁ ମୁଁ କୌଣସି ଅହେମଦୀଙ୍କୁ ଜାଣିନଥିଲି, କିନ୍ତୁ ଯେଉଁ ଦିନ ମୋ ଗାଡ଼ି ସହିତ ଏକ ଗାଡ଼ି ଧକ୍କା ହେଲା, ଏମିତି ଲାଗିଲା ଖୁଦାତାଲା ଆପଣମାନଙ୍କୁ ସ୍ୱୟଂ ମୋ ନିକଟକୁ ନେଇ ଆସିଛନ୍ତି । ଜଲ୍‌ସାରେ ଯୋଗଦେବା ପରେ ମୋତେ ଆତ୍ମସନ୍ତୋଷ ପ୍ରାପ୍ତ ହୋଇଗଲା ଯେ ଏହି ଧର୍ମ ମୋ ପାଇଁ, ତେଣୁ ମୁଁ ବୟତ କରିନେଲି । ଦେଖନ୍ତୁ କିଭଳି ଅଲ୍ଲାଃ ତାଲା ମାର୍ଗ ଉନ୍ମୁକ୍ତ କରିଦେଉଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅମୀର ସାହେବ୍ ଗାମ୍ବିଆ ଲେଖୁଛନ୍ତି ଯେ ଅଲ୍ଲାଃଙ୍କ କୃପାରୁ ଆମକୁ ଏଠାରେ କ୍ୟାଙ୍ଗ୍ ସେଟ୍ରାଂଲ ଡ଼ିଷ୍ଟ୍ରିକ୍ଟ ର ଯୁରୋଜୁଲା ଗ୍ରାମରେ ଏକ ସୁନ୍ଦର ମସ୍‌ଜିଦ୍ ନିର୍ମାଣ କରିବାର ସୌଭଗ୍ୟ ପ୍ରାପ୍ତ ହୋଇଛି । ତା'ପରେ ଏ ଗ୍ରାମକୁ ମୁଲ୍ଲାମାନେ ଆସି ଅହେମଦୀମାନଙ୍କୁ ଧମକ ଚମକ ଦେଉଛନ୍ତି ଯେ ସେମାନେ ଅହେମଦିୟତକୁ ଛାଡ଼ି ଦିଅନ୍ତୁ ଓ ଏହି ମସ୍‌ଜିଦ୍‌ଠାରୁ ଦୁରେଇ ଯାଆନ୍ତୁ । କାରଣ ଅହେମଦୀମାନେ ହେଉଛି ଅଣ ମୁସ୍‌ଲିମ୍ । ଯଦି ଏମାନଙ୍କ ମଧ୍ୟରୁ କିଏ ମରିଯାଏ, ତାଙ୍କୁ କବର ଦିଆଯିବ ନାହିଁ । ଜଣେ ନିରକ୍ଷର ଅଶିକ୍ଷିତ ଅହେମଦୀ ମହିଳା ସେହି ମୁଲ୍ଲାମାନଙ୍କୁ ପଚାରିଲେ ଯେ କଣ ଅହେମଦୀମାନେ ଏହି ମସ୍‌ଜିଦ୍‌ରେ ନମାଜ ପଢ଼ିବା ବେଳେ ପବିତ୍ର କୁର୍‌ଆନ୍‌ର ସୁରଃ ଫାତିହା ପଢୁନାହାନ୍ତି ? ଯଦି କିଛି ପ୍ରଭେଦ ନାହିଁ ତେବେ ପୁଣି ଆମେ ଅହେମଦୀୟତକୁ କାହିଁକି ଛାଡ଼ିବୁ ଓ କାହିଁକି ଅହେମଦୀୟା ମସ୍‌ଜିଦ୍‌କୁ ଛାଡ଼ିଦେବୁ ? ଆମେ ଅହେମଦୀ ଓ ଅହେମଦୀ ହୋଇ ରହିବୁ, ତୁମକୁ ଯାହା କରିବାର ଅଛଇ କର ଏହି ସେ ମହିଳାଜଣଙ୍କ ସେହି ମୁଲ୍ଲାମାନଙ୍କୁ ସେଠାରୁ ବିତାଡ଼ିତ କଲେ ।

ଅମୀର୍ ସାହେବ୍ କଙ୍ଗୋ ବର୍ଣ୍ଣନା କରିଛନ୍ତି ଯେ ଏ ବର୍ଷ Bagata ସହରରେ ଯମାତ୍‌ର ସେଂଟର ସ୍ଥାପନ କରାଗଲା । ଯମାତ୍‌ର ସଂଘଠନ ଓ ଶିକ୍ଷାକୁ ଦେଖି ଅଧିଂକାଶ ଲୋକେ ଅହେମଦୀୟତ ଗ୍ରହଣ କରିନେଲେ, ସେଥି ସକାଶେ ସେଠାରେ ଯମାତ୍‌ର ଭିଷଣ ବିରୋଧ ଆରମ୍ଭ ହୋଇଗଲା । ଆମ ମୁଅଲ୍ଲମିନ୍ ମାନଙ୍କୁ ଧମକ ଦିଆଗଲା । ତତ୍‌ସହିତ ସରକାରୀ କାର୍ଯ୍ୟାଳୟରେ ମଧ୍ୟ ମିଥ୍ୟା ରିପୋର୍ଟ ଆମ ବିପକ୍ଷରେ ଦିଆଗଲା । ନୌ ମୁବାଇନ୍ (ନୂଆ ନୂଆ ଅହେମଦୀ ହୋଇଥିବା) ଲୋକମାନଙ୍କୁ ଅହେମଦିୟତ ଛାଡ଼ି ଦେବାପାଇଁ କୁହାଗଲା । ଅଲ୍ଲାଃଙ୍କ କୃପାରୁ ସେହି ମୁଖାଲିଫତ୍ (ବିରୋଧ) ହେବା ସତ୍ୱେ ମଧ୍ୟ ସବୁ ଅହେମଦୀମାନେ ଦୃଢ଼ତାର ସହିତ ଅହେମଦୀୟତ୍‌ରେ କାଏମ୍ ରହିଲେ ଏବଂ ସେମାନେ ସେହି ବିରୋଧିମାନଙ୍କୁ ଉତର ଦେଇଛନ୍ତି ଯେ ଆମେ ବର୍ଷ ବର୍ଷ ଧରି ମୁସଲମାନ ଥିଲୁ, କିନ୍ତୁ ତୁମେମାନେ କେବେବି ଆମ ନିକଟକୁ ଆସିନାହଁ । ଆଜି ଯେତେବେଳେ ଯମାତ୍ ଅହେମଦୀୟା ଆମକୁ ପ୍ରକୃତ ବାସ୍ତବିକ ଇସ୍‌ଲାମ୍‌ର ଶିକ୍ଷା ଦେଉଅଛି, ସେତେବେଳେ ତୁମେ ଆସି ବିରୋଧ କରିବା ଆରମ୍ଭ କରିଦେଲ । ଏବେ ତ ଆମେମାନେ ଅହେମଦୀ ମୁସଲମାନ ହୋଇସାରିଛୁ ଓ ଇନ୍‌ଶାଅଲ୍ଲାଃ ଆ ଉପରେ ଆମେ କାଏମ୍ ରହିବୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ବେନିନ୍ ଦେଶର ପାରାକୁରୁ ମୁବଲ୍ଲିଗ୍ ଲେଖୁଛନ୍ତି ଯେ ତାଙ୍କ ରିଜିୟନ୍‌ର ରହ୍‌ମା୍ ସାହେବ କହୁଛନ୍ତି ଯେ ମୁଁ ଯେତେବେଳେ ଅହେମଦୀୟତ ଗ୍ରହଣ କଲି, ସେତେବେଳେ ମୁଁ ବହୁତ ଗରୀବ ଥିଲି । କେବଳ ଦୁଇଓଳିର ରୁଟି ଭାଗ୍ୟରେ ଥିଲା । ମୌଲବୀମାନେ ବହୁତ ବିରୋଧ କଲେ କିନ୍ତୁ ମୁଁ ନିଜ ଖାନ୍‌ଦାନ୍‌ର ଲୋକମାନଙ୍କ ସହିତ ଅହେମଦିୟତ୍‌ରେ କାଏମ୍ ରହିଲୁ । ଅଲ୍ଲାଃଙ୍କ କୃପାରୁ ଯମାତ୍ ଅହେମଦୀୟା ଯୋଗୁଁ ଚାନ୍ଦା ଦେବାର ଏପରି ଅଭ୍ୟାସ ହୋଇଗଲା ଯେ, ପ୍ରତ୍ୟେକ ମାସ ନିୟମିତ ଚାନ୍ଦା ପଇଠ କରୁଛି ତାହା ଅଳ୍ପ ହେଉ ବା ବେଶି । ଏବେ ମୋ ଜମିରେ ପୂର୍ବାପେକ୍ଷା ଅଧିକ ଫସଲ ଅମଳ ହେଉଛି । ଏବେ ମୋ ନିକଟରେ ମୋଟର ସାଇକେଲ୍ ମଧ୍ୟ ଅଛି ଓ ଘର ମଧ୍ୟ ଛାତ ଘର । ମୁଁ ଖୁଦାଙ୍କର ରାଣ ଖାଇ କହୁଅଛି ଯେ ଅହେମଦିୟତ୍‌ର ଆର୍ଶିବାଦ ଯୋଗୁଁ ଅଲ୍ଲାଃ ତାଲା ମୋ ଉପରେ କୃପା କରିଛନ୍ତି ।

*କ୍ରମଶଃ......*

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ହେ ଅଲ୍ଲାଃଙ୍କ ରସୁଲ୍ ! ଆମେ ଆପଣଙ୍କ ଆଗରେ ଲଢ଼ିବୁ, ପଛରେ ଲଢ଼ିବୁ, ଆପଣଙ୍କ ଡ଼ାହାଣ ପାର୍ଶ୍ୱରେ ମଧ୍ୟ ଲଢ଼ିବୁ ଓ ବାମ ପାର୍ଶ୍ୱରେ ମଧ୍ୟ ଲଢ଼ିବୁ । ଯେ ପର୍ଯ୍ୟନ୍ତ ଶତ୍ରୁ ଆମ ଲାଶ୍ ଉପରେ ଅତିକ୍ରମ ନ କରିଛି, ସେ ପର୍ଯ୍ୟନ୍ତ ସେ ଆପଣଙ୍କ ନିକଟରେ ପହଂଚିପାରିବ ନାହିଁ ।**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦା ପୂର୍ଣ୍ଣ ବଦ୍‌ରି ସାହାବି, ଇସ୍‌ଲାମ୍ ଓ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଉପରେ ଉତ୍ସର୍ଗୀ ଭକ୍ତ, ଅତ୍ୟନ୍ତ ନିଷ୍ଠାବାନ୍, ସୁଗୁଣର ଅଧିକାରୀ, ନିସ୍ୱାର୍ଥପର ସେବାକାରୀ, ଉଚ୍ଚସ୍ଥାନର ଅଧିକାରୀ ଓ ସଦାଚାରୀ ପ୍ରେମି ଏବଂ ଅଓସ୍ କବିଲାର ମୁଖ୍ୟ ଦଳପତି ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ଉତ୍ତମ ଗୁଣାବଳୀର ଚର୍ଚ୍ଚା ।**

**ରସୁଲୁଲ୍ଲାଃ ସ:ଆ:ସ କହିଲେ ''ହେ ଅଲ୍ଲାଃ ! ଅନ୍‌ସାରଙ୍କ ଉପରେ କରୁଣା କର ଓ ଅନ୍‌ସାରଙ୍କ ପୁତ୍ରମାନଙ୍କ ଉପରେ କୃପା ଅବତୀର୍ଣ୍ଣ କର''**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୦୩ ଜୁଲାଇ ୨୦୨୦ ଅନୁଯାୟୀ ୦୩ ୱ୍‌ଫା ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେ୍ଲଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତ ଖୁତ୍‌ବାରେ ମୁଁ ସାଆଦ୍ ବିନ୍ ମୁଆଜ୍‌ଙ୍କର ଜୀବନୀ ଚର୍ଚ୍ଚା କରିଥିଲି, ସେଥିରେ ତାଙ୍କ ଜୀବନୀର ଏକ ଘଟଣା ଯାହାକି ବଦର ଯୁଦ୍ଧ ସମୟରେ ସେ ନିଜ ବୟତ ସମୟରେ କରିଥିବା ପ୍ରତିଶ୍ରୁତି ପୂରଣ କରିବା ପ୍ରସଙ୍ଗରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ନିଜ ଭାଷାରେ ବର୍ଣ୍ଣନା କରିଛନ୍ତି ତାହା ହୋଇଛି ଏପରି କି ଏହା ପ୍ରକୃତିର ନିୟମ ଯେ, ଯାହାକୁ ଅତିଶୟ ଭଲପାଏ ସେ ପ୍ରୟାସ ମଧ୍ୟ କରିଥାଏ ଯେ ତା'ର ପ୍ରୀୟତମକୁ କଦାପି କୌଣସି ପ୍ରକାର କଷ୍ଟ ନ ପହଂଚୁ ଏବଂ ତାହାର ପ୍ରୀୟତମ ଯୁଦ୍ଧକ୍ଷେତ୍ରକୁ ନ ଯାଉ ବରଂ ସମସ୍ତ ପ୍ରକାର କୌଶଳ ଓ ଉଦ୍ୟମ କରିଥାଏ ଯେ ଲଢ଼େଇରୁ ସେ ନିବୃତ ରହୁ ଏହିପରି ସାହାବାମାନେ ମଧ୍ୟ ଏକଥା ପସନ୍ଦ କରୁନଥିଲେ କି ହଜୁର ସ:ଆ:ସ ରଣ କ୍ଷେତ୍ରକୁ ଯାଆନ୍ତୁ ଏବଂ ଏହା ତାଙ୍କର ସ୍ୱାଭାବିକ ମନବାଞ୍ଛା ଥିଲା ଯାହାକି ପ୍ରତ୍ୟେକ ପ୍ରେମୀକକୁ ନିଜ ପ୍ରିୟତମଙ୍କ ସହ ହୋଇଥାଏ । ଏତଦ୍‌ବ୍ୟତିତ ଆମେ ଦେଖିଛୁ ଯେ, ଇତିହାସ ପୃଷ୍ଠାରେ ଏହାର ପ୍ରମାଣ ଦରଜ ରହିଛି ଯେ, ଯେତେବେଳେ ହଜୁର ସ:ଆ:ସ ବଦର ଯୁଦ୍ଧ ନିକଟରେ ଅର୍ଥାତ ବଦର ସ୍ଥାନ ନିକଟରେ ପହଂଚିଲେ ସେତେବେଳେ ଆପଣ ସାହାବାଙ୍କୁ କହିଲେ ଅଲ୍ଲାଃ ତାଲା ମତେ ସୁଚିତ କରିଛନ୍ତି ଯେ ଆମର ମୁହାଁମୁହିଁ କାଫିଲା ଅର୍ଥାତ ବ୍ୟବସାୟୀ ଦଳ ସହ ନୁହେଁ ବରଂ ସୈନ୍ୟଦଳ ସହ ହେବ । ତା'ପରେ ଆପଣ ପରାମର୍ଶ କଲେ ଏବଂ କହିଲେ ମତେ କୁହ ତୁମର ଏଥିସଂକ୍ରାନ୍ତରେ ମତାମତ କଣ ? ଯେତେବେଳେ ବଡ଼ ବଡ଼ ସାହାବାମାନେ ହଜୁର ସ:ଆ:ସଙ୍କର ଏକଥା ଶୁଣିଲେ ସେମାନେ ଜଣ ଜଣକରି ଛିଡ଼ା ହୋଇ ଉତ୍ସର୍ଗୀକୃତ ଅଭିଭାଷଣ ଦେଲେ ଏବଂ କହିଲେ ଆମେ ସମସ୍ତ ପ୍ରକାର ସେବାକାର୍ଯ୍ୟ ସମ୍ପାଦନ କରିବା ପାଇଁ ଉପସ୍ଥିତ ଓ ପ୍ରସ୍ତୁତ ଅଛୁ । ଏପରି କି ସେଠାରେ ଉପସ୍ଥିତ ସମସ୍ତ ସାହାବା ଏହା ହିଁ କହୁଥିଲେ କି, ଯଦି ଆମ ପ୍ରଭୁ ଆମ୍ଭଙ୍କୁ ଆଦେଶ ଦିଅନ୍ତି ତେବେ ଆମେ ନିଶ୍ଚିତରୂପେ ଲଢ଼ିବୁ କିନ୍ତୁ ଏପରି ପ୍ରତ୍ୟେକ ସାହାବାଙ୍କ ମତ ପ୍ରକାଶ ପରେ ମଧ୍ୟ ହଜୁର ସ:ଆ:ସ ପ୍ରତିଥର ଏହା ହିଁ କହୁଥିଲେ କି ମତେ ନିଜର ରାୟ ଦିଅ ଏଥିପାଇଁ କି ସେ ପର୍ଯ୍ୟନ୍ତ ଯେତେ ସାହାବା ଛିଡ଼ା ହୋଇ ନିଜର ଅଭିବ୍ୟକ୍ତ ପ୍ରକାଶ କରିଥିଲେ ସେମାନେ ସମସ୍ତେ ମୁହାଜରିନ୍ (ଅର୍ଥାତ ହିଜ୍‌ରତକାରୀ) ଥିଲେ ଯେତେବେଳେ ଆପଣ ସ:ଆ:ସ ବାରମ୍ୱାର କହିଲେ କି ମତେ ପରାମର୍ଶ ଦିଅ ସେତେବେଳେ ସାଆଦ୍ ବିନ୍ ମୁଆଜ୍ ଯିଏ କି ଓ୍ୱସ୍ କବିଲାର ସର୍ଦ୍ଦାର ଥିଲେ, ସେ ହଜୁର ସ:ଆ:ସଙ୍କ ମନ କଥା ବୁଝି ଅନ୍‌ସାରଙ୍କ ତରଫରୁ ଛିଡ଼ା ହୋଇ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ଆପଣଙ୍କ କହିବା ଅନୁଯାୟୀ ସାହାବାମାନେ ତ ମତାମତ ଦେଇଚାଲିଛନ୍ତି ତଥାପି ଆପଣ ପରାମର୍ଶ ମାଗୁଛନ୍ତି । ଏପରି ବୋଧ ହେଉଛି ଯେପରି ଆପଣ ଅନ୍‌ସାରଙ୍କର ରାୟ ଜାଣିବାକୁ ଚାହୁଁଛନ୍ତି ତେବେ ଏପର୍ଯ୍ୟନ୍ତ ଆମେ ଏଥିପାଇଁ ନୀରବ ରହିଥିଲୁ କି ଯଦି ଆମେ ଯୁଦ୍ଧ ସପକ୍ଷରେ ମତ ପ୍ରକାଶ କରିଥାନ୍ତୁ । ତେବେ ସମ୍ଭବତଃ ମୁହାଜିର୍‌ମାନଙ୍କୁ ବୋଧ ହୋଇଥାନ୍ତା କି ଏମାନେ ଆମ ଗୋଷ୍ଠୀକୁ ଆମ ଭାଇମାନଙ୍କ ସହ ଲଢ଼ିବା ପାଇଁ ଓ ତାଙ୍କୁ ହତ୍ୟା କରିବାକୁ ଚାହୁଁଛନ୍ତି । ପୁନଶ୍ଚ ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ଆପଣଙ୍କର ବୟତ ଅକ୍‌ବା କଥା ମନେ ଅଛି ଯେତେବେଳେ ଆମେ ଏହି ସର୍ତ୍ତ ରଖିଥିଲୁ କି ଯଦି ଶତ୍ରୁ ମଦିନା ଉପରେ ଆକ୍ରମଣ କରେ ତେବେ ଆମେ ତାହାର ମୁକାବିଲା କରିବୁ କିନ୍ତୁ ଯଦି ମଦିନାରୁ ବାହାରି ଯାଇ ଲଢ଼ିବାକୁ ପଡ଼େ ତେବେ ସେଥିପାଇଁ ଆମେ ପ୍ରତିବଦ୍ଧ ନୁହଁ । ହଜୁର ସ:ଆ:ସ ଉତର ଦେଲେ ହଁ ତା'ପରେ ସାଆଦ୍ ବିନ୍ ମୁଆଜ୍ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ଯେତେବେଳେ ଆମେ ଆପଣଙ୍କୁ ମଦିନାକୁ ଆମନ୍ତ୍ରିତ କରିଥିଲୁ ସେତେବେଳେ ଆପଣଙ୍କ ଉଚ୍ଚସ୍ତର ଓ ପଦମର୍ଯ୍ୟାଦା ସମ୍ବନ୍ଧରେ ଆମକୁ ଜ୍ଞାତ ନଥିଲା । କିନ୍ତୁ ବର୍ତ୍ତମାନ ତ ଆମେ ଆପଣଙ୍କ ଉଚ୍ଚ ଆସନକୁ ସ୍ୱଚକ୍ଷୁରେ ଦେଖି ନେଇଛୁ । ତେଣୁ ବର୍ତ୍ତମାନ ସେହି ସନ୍ଧିର ଆମ ଦୃଷ୍ଟିରେ କୌଣସି ବାସ୍ତବତା ନାହିଁ ତାହା ସାଂସାରିକ ଦୃଷ୍ଟିକୋଣରୁ ଏକ ସାଧାରଣ ସନ୍ଧି ମାତ୍ର, କିନ୍ତୁ ବର୍ତ୍ତମାନ ଆମ ଅଧ୍ୟାତ୍ମିକ ଚକ୍ଷୁ ଖୋଲିଯାଇଛି । ତେଣୁ ବର୍ତ୍ତମାନ ଆପଣ ଯେଉଁ ଆଡ଼େ ଅଗ୍ରସର ହେବେ ଆମେ ଆପଣଙ୍କ ସାଥିରେ ଥିବୁ ଆମେ ପରମେଶ୍ୱରଙ୍କ ଶପଥ କରି କହୁଛୁ ଯଦି ଆପଣ ସମୁଦ୍ରରେ ଲମ୍ଫ ମାରିବାକୁ ଆଦେଶ ଦିଅନ୍ତି ତେବେ ସୁଦ୍ଧା ଏପରି ଆତ୍ମଦାହମୂଳକ କାର୍ଯ୍ୟ କରିବାକୁ ଆମମାନଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟ ପଛଘୁଂଚା ଦେବନାହିଁ । ହେ ଅଲ୍ଲାଃଙ୍କ ରସୁଲ ଆମେ ଆପଣଙ୍କ ସମ୍ମୁଖରେ ଆପଣଙ୍କ ପଶ୍ଚିମରେ ଏବଂ ଆମେ ଆପଣଙ୍କ ଦକ୍ଷିଣ ତଥା ବାମପାର୍ଶ୍ୱରେ ରହି ଲଢ଼ିବୁ ଏବଂ ଶତ୍ରୁ ଆପଣଙ୍କ ନିକଟରେ ପହଂଚିପାରିବ ନାହିଁ ଯେପର୍ଯ୍ୟନ୍ତ ଆମ ମରଶରୀରକୁ ଛିନ୍ନଭିନ୍ନ କରି ଅତିକ୍ରମ ନ କରିଯାଇଛି ।" ***(ଏକ୍ ଆୟତ୍ କି ପୁର୍ ମାଆରିଫ୍ ତଫ୍‌ସିର୍, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୧୮, ପୃ-୬୨୦-୬୨୧)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ସୁରେଃ ରାଆଦ୍‌ର ପଂକ୍ତି **ଲହୁ ମୁଅକ୍କିବାତୁମ୍ ମିମ୍ ବୟିନା ୟାଦୈହେ ଓ୍ୱ ମିନ୍ ଖଲ୍‌ଫିହି**(ରାଆଦ୍:୧୨) ଅର୍ଥାତ ଅଲ୍ଲାଃଙ୍କ ତରଫରୁ ତାଙ୍କ ରସୁଲ୍‌ଙ୍କ ସମ୍ମୁଖ ଓ ପ୍ରଶ୍ଚାତ ଭାଗରେ ଦେବଦୂତମାନଙ୍କ ଏକ ଗୋଷ୍ଠୀ ରହିଛନ୍ତି ଯେଉଁମାନେ ଅଲ୍ଲାଃଙ୍କ ଆଦେଶ ଅନୁସାରେ ତାଙ୍କର ସୁରକ୍ଷା କରୁଛନ୍ତି ଏହାର ବାଖ୍ୟା କରିଛନ୍ତି ଯେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସମ୍ପୂର୍ଣ୍ଣ ଅବତାରତ୍ୱ ଜୀବନୀ ଏହି ସୁରକ୍ଷାର ଜ୍ୱଳନ୍ତ ପ୍ରମାଣ ଯାହା କି ପ୍ରଭୁ ଅଙ୍ଗୀକାର କରିଥିଲେ ଅତଏବ ପବିତ୍ର ମକ୍କା ସହରରେ ହଜୁର ସ:ଆ:ସଙ୍କୁ ଦେବଦୂତମାନେ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖିଥିଲେ ନଚେତ ଦେଖ ସେଠାରେ ଏଭଳି ଶତ୍ରୁମାନଙ୍କ ମଧ୍ୟରେ ଆପଣ ସ:ଆ:ସ ଘେରି ହୋଇ ରହିଥିଲେ ଯେ ସେଠାରୁ ମୁକ୍ତି ପାଇବା ଅସମ୍ଭବ ଥିଲା ହଁ ମଦିନାରେ ପହଂଚିବା ପରେ ଉଭୟ ପ୍ରକାର ସୁରକ୍ଷା ଆପଣଙ୍କୁ ଲାଭ ଥିଲା ଅର୍ଥାତ ସ୍ୱର୍ଗୀୟ ଦେବଦୂତ ଓ ଭୂପୃଷ୍ଠ ଦେବଦୂତ ଅର୍ଥାତ ସାହାବାମାନଙ୍କର । ବଦର ଯୁଦ୍ଧ ଏହି ଉଭୟ ପ୍ରକାର ସୁରକ୍ଷାର ଏକ ଉତମ ଉଦାହରଣ ଯେତେବେଳେ ହଜୁର ସ:ଆ:ସ ମଦିନା

ପ୍ରସ୍ଥାନ କଲେ ସେତେବେଳେ ମଦିନାବାସୀଙ୍କ ସହ ସନ୍ଧି କରିଥିଲେ ଯେ ଯଦି ଆପଣ ମଦିନାରୁ ବାହାରକୁ ଯାଇ ଯୁଦ୍ଧ କରନ୍ତି ତେବେ ମଦିନାବାସୀ ଆପଣଙ୍କ ସହଯୋଗ ପାଇଁ ପ୍ରତିବଦ୍ଧ ନୁହନ୍ତି । ବଦର ଯୁଦ୍ଧ ସମୟରେ ହଜୁର ସ:ଆ:ସ ମୁହାଜରିନ୍ ଓ ଅନ୍‌ସାରମାନଙ୍କୁ ବାରମ୍ବାର ପରାମର୍ଶ ମାଗୁଥିଲେ ଏବଂ ମୁହାଜରିନ୍ ମଧ୍ୟ ବଢ଼ିଚଢ଼ି ମୁକାବିଲା କରିବାର ମତ ପ୍ରକାଶ କରିଥିଲେ ତଥାପି ହଜୁର ପରାମର୍ଶ ମାଗିଚାଲିଥିଲେ, ସେତେବେଳେ ଜଣେ ଅନ୍‌ସାରୀ ସାଆଦ୍ ବିନ୍ ମୁଆଜ୍ କହିଲେ ସମ୍ଭବତଃ ହଜୁର ସ:ଆ:ସଙ୍କ ଅଭିପ୍ରାୟ ଆମ ସହିତ ରହିଛି । ହଜୁର କହିଲେ ହଁ ଏଥିରେ ସାଆଦ୍ ବିନ୍ ମୁଆଜ୍ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ଆମେ ବୟତେ ଅକ୍‌ବାରେ ଏହି ସର୍ତ ରଖିଥିଲୁ ଯେ, ଯଦି ଶତ୍ରୁ ମଦିନା ଉପରେ ଆକ୍ରମଣ କରେ ତେବେ ଆମେ ତାହାର ମୁକାବିଲା କରିବୁ କିନ୍ତୁ ଯଦି ମଦିନା ବାହାରକୁ ଯାଇ ଲଢ଼ିବାକୁ ପଡ଼େ ତେବେ ସେଥିପାଇଁ ଆମେ ପ୍ରତିବଦ୍ଧ ନୁହଁ । ହଜୁର ସ:ଆ:ସ ଉତର ଦେଲେ ହଁ, ସାଆଦ୍ ବିନ୍ ମୁଆଜ୍ ପୁନଶ୍ଚ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଆମେ ଆପଣଙ୍କୁ ମଦିନାକୁ ଆମନ୍ତ୍ରିତ କରିଥିଲୁ ସେତେବେଳେ ଆପଣଙ୍କ ଉଚ୍ଚସ୍ତର ଓ ପଦମର୍ଯ୍ୟାଦା ସମ୍ବନ୍ଧରେ ଆମକୁ ଜ୍ଞାତ ନଥିଲା । କିନ୍ତୁ ବର୍ତମାନ ତ ଆମେ ଆପଣଙ୍କ ଉଚ୍ଚ ଆସନକୁ ସ୍ୱଚକ୍ଷୁରେ ଅବଲୋକନ କରିନେଇଛୁ ତେଣୁ ବର୍ତମାନ ସେହି ସନ୍ଧିର ଆମ ଦୃଷ୍ଟିରେ କୌଣସି ବାସ୍ତବତା ନାହିଁ ତାହା ସାଂସାରିକ ଦୃଷ୍ଟିକୋଣରୁ ଏକ ସାଧାରଣ ସନ୍ଧି ମାତ୍ର କିନ୍ତୁ ବର୍ତମାନ ଆମର ଅଧ୍ୟାତ୍ମିକ ଚକ୍ଷୁ ଉନ୍ମୁକ୍ତ ହୋଇଯାଇଛି ତେଣୁ ବର୍ତମାନ ଆପଣ ଯେଉଁ ଆଡ଼େ ଅଗ୍ରସର ହେବେ ଆମେ ଆପଣଙ୍କ ସାଥିରେ ଥିବୁ ଆମେ ପରମେଶ୍ୱରଙ୍କ ଶପଥ କରି କହୁଛୁ ଯେ ଯଦି ଆପଣ ସମୁଦ୍ରରେ ଲମ୍ଫ ମାରିବାକୁ ଆଦେଶ ଦିଅନ୍ତି ତେବେ ଏପରି ଆତ୍ମଦାହମୂଳକ କାର୍ଯ୍ୟ କରିବାକୁ ପଛଗୁଞ୍ଚା ଦେବୁନାହିଁ । ଆମେ ସାହାବାଙ୍କ ପରିନାହୁଁ ଯେ ଏପରି କହିବୁ କି ଯାଅ ତୁମେ ଓ ତୁମ ପ୍ରଭୁ ଯାଇ ଲଢ଼ ଆମେ ଏଠାରୁ ବସି ରହିଛୁ ବରଂ ଆମେ କହିବୁ ହେ ଅଲ୍ଲାଃଙ୍କ ରସୁଲ୍ ! ଆମେ ଆପଣଙ୍କ ସମ୍ମୁଖରେ ଆପଣଙ୍କ ପଛପାର୍ଶ୍ୱରେ ଏବଂ ଆପଣଙ୍କ ଦକ୍ଷିଣ ତଥା ବାମପାର୍ଶ୍ୱରେ ରହି ଲଢ଼ିବୁ ଏବଂ ଶତ୍ରୁ ଆପଣଙ୍କ ନିକଟରେ ପହଂଚିପାରିବ ନାହିଁ ଯେପର୍ଯ୍ୟନ୍ତ ଆମ ମରଶରୀରକୁ ଛିନ୍ନଭିନ୍ନ କରି ଅତିକ୍ରମ ନ କରିଯାଇଛି । ଆପଣ କୁହନ୍ତି ଏହି ନିଷ୍ଠାପର ସାହାବାମାନେ ମଧ୍ୟ ସେହି ସୁରକ୍ଷାକର୍ମୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଯାହାଙ୍କୁ ପ୍ରଭୁ ହଜୁର ସ:ଆ:ସଙ୍କ ସୁରକ୍ଷା ଦାୟିତ୍ୱରେ ମୁତୟନ କରିଥିଲେ । ଜଣେ ସାହାବି କୁହନ୍ତି ମୁଁ ହଜୁର ସ:ଆ:ସଙ୍କ ସାଥିରେ ୧୩ଗୋଟି ଯୁଦ୍ଧରେ ସାମିଲ ଥିଲି ଏବଂ ମୋ ହୃଦୟରେ ଏକଥା ଅନେକଥର ଉଙ୍କି ମାରିଛି ଯେ ଏହି ଯୁଦ୍ଧମାନଙ୍କରେ ଯୋଗ ଦେବା ପରିବର୍ତେ ମୋ ମୁଖରୁ ସେହି ଉକ୍ତିଟି ପସ୍ଫୁଟିତ ହୋଇଥାଆନ୍ତା କି ଯାହାକି ସାଆଦ୍ ବିନ୍ ମାଆଜ୍ କହିଥିଲେ ।

***(ତଫ୍‌ସିର୍ କବୀର୍ ଖଣ୍ଡ-୩, ପୃ-୩୯୨)***

ସାଆଦ୍ ବିନ୍ ମାଆଜ୍‌ଙ୍କର ସେହି ନିଷ୍ଠା ବିଷୟରେ ଚର୍ଚ୍ଚା କରି ହଜ୍‌ରତ୍ ମିର୍ଜା ବଶିର୍ ଅହମଦ୍ ସାହେବ ସିରତ୍ ଖାତ୍‌ମୁନ୍ ନବିୟିନ୍‌ରେ ଉଲ୍ଲେଖ କରିଛନ୍ତି । ଯେଉଁ ସ୍ଥଳେ ମୁସଲମାନ ସୈନ୍ୟଦଳ ଅବସ୍ଥାନ କରିଥିଲେ ରଣନୀତି ଦୃଷ୍ଟିକୋଣରୁ ତାହା କୌଣସି ଉତମ ସ୍ଥାନ ନଥିଲା ତେଣୁ ହବାବ୍ ବିନ୍ ମୁନ୍‌ଜିର୍ ଆସି ହଜୁର ସ:ଆ:ସଙ୍କୁ ପଚାରିଲେ, ହଜୁର କଣ ପ୍ରଭୁଙ୍କ ନିର୍ଦ୍ଦେଶକ୍ରମେ ଆପଣ ଏହି ସ୍ଥାନର ଚୟନ କରିଛନ୍ତି ଅବା ରଣନୀତି ଦୃଷ୍ଟିକୋଣରୁ ? ହଜୁର ଉତର ଦେଲେ ଏଥିସଂକ୍ରାନ୍ତରେ ପ୍ରଭୁଙ୍କର ସେମିତି କିଛି ଆଦେଶ ମିଳିନାହିଁ ଯଦି ତୁମ ନିକଟରେ କିଛି ଉତମ ମତାମତ ରହିଛି ତେବେ ବିନା ସଙ୍କୋଚରେ କୁହ, ସେ କହିଲେ ମୋ ମତରେ ଏହି ସ୍ଥାନ ଯୁଦ୍ଧ କରିବା ଦୃଷ୍ଟିକୋଣରୁ ଠିକ୍ ନୁହେଁ ଭଲ ହୁଅନ୍ତା ଯଦି ଆମେ ଆଗକୁ ଅଗ୍ରସର ହୋଇ କୁରୈଶ୍‌ର ନିକଟରେ ଥିବା ଝରଣାକୁ ଅଧିକୃତ କରିନିଅନ୍ତେ । ମୁଁ ଜାଣେ ସେ ନିର୍ଝର ଜଳ ଅତି ମଧୁର ଓ ପ୍ରଯ୍ୟାପ୍ତ ପରିମାଣରେ ରହିଥାଏ ହଜୁର ସ:ଆ:ସ ଏହି ପରାମର୍ଶକୁ ପସନ୍ଦ କଲେ ଏବଂ ଯେହେତୁ ସେପର୍ଯ୍ୟନ୍ତ କୁରୈଶ୍ ରସେନା ପର୍ବତର ପଛପଟେ ନିଜର ଛାଉଣି ପକାଇ ରହିଥିଲେ ଝରଣା ସ୍ଥାନଟି କାହାରି ଅଧିକୃତ ନଥିଲା । ତେଣୁ ମୁସଲମାନମାନେ ଆଗକୁ ବଢ଼ି ଝରଣା ଅଂଚଳକୁ ଅଧିକାର କରିନେଲେ । କିନ୍ତୁ ଯେପରିକି ପବିତ୍ର କୋରାନ୍‌ରେ ସଙ୍କେତ ଦରଜ ରହିଛି ଯେ, ସେତେବେଳେ ଝରଣାରେ ଅଧିକ ଜଳ ନଥିଲା ଏବଂ ମୁସଲମାନମାନଙ୍କୁ ଆଗକୁ ପାଣିର ଅଭାବ ହେଲାପରି ମନେ ହେଉଥିଲା ପୁଣି ମୁସଲମାନମାନଙ୍କ ପାର୍ଶ୍ୱଟି ବାଲୁକାମୟ ଥିଲା ଯଦ୍ୱାରା ସେମାନେ ସେମାନଙ୍କ ପାଦ ଦୃଢ଼ତାର ସହ ଜମି ରହୁନଥିଲା ।

ସ୍ଥାନ ଚୟନ କରିବା ଅନ୍ତେ ସାଆଦ୍ ବିନ୍ ମାଆଜ୍‌ଙ୍କ ପରାମର୍ଶକ୍ରମେ ସାହାବାମାନେ ପଡ଼ିଆର ଗୋଟିଏ ଭାଗରେ ହଜୁର ସ:ଆ:ସଙ୍କ ବିଶ୍ରାମ ପାଇଁ ଏକ ଅସ୍ଥାୟୀ ତମ୍ବୁର ଘର ପ୍ରସ୍ତୁତ କଲେ ଏବଂ ତାହା ନିକଟରେ ହଜୁର ସ:ଆ:ସଙ୍କ ବାହନକୁ ବାନ୍ଧି କହିଲେ, ହଜୁର ଆପଣ ଭିତରେ ବିଶ୍ରାମ କରନ୍ତୁ ଆମେ ପ୍ରଭୁଙ୍କ ନାମ ନେଇ ଶତ୍ରୁର ମୁକାବିଲା ନିମନ୍ତେ ବାହାରି ଯାଉଛୁ । ଯଦି ପ୍ରଭୁ ଆମକୁ ବିଜୟ ପ୍ରଦାନ କରନ୍ତି ଯାହାକି ଆମର ଅଭିଳାଷ ତେବେ ପ୍ରଭୁଙ୍କ କୃତଜ୍ଞତା ଜ୍ଞାପନ କରିବୁ ଯଦି ପରିଣାମ ଅନ୍ୟକିଛି ହେଲା ତେବେ ଆପଣ ନିଜ ବାହନ ନେଇ ମଦିନା ଅଭିମୁଖେ ବାହାରି ଯିବେ । ସେଠାରେ ଆମର ଏଭଳି ଭାଇବନ୍ଧୁ ରହିଛନ୍ତି ଯେ, ଆପଣଙ୍କ ସହ ପ୍ରେମ ଓ ନିଷ୍ଠାପରତାରେ ଆମଠାରୁ କିଛି କମ୍ ନୁହନ୍ତି କିନ୍ତୁ ଯେହେତୁ ସେମାନଙ୍କୁ ଏହାର ଆଭାଷ ମଧ୍ୟ ନଥିଲା ଯେ, ଏହି ଯାତ୍ରାରେ ଯୁଦ୍ଧର ପରିସ୍ଥିତି ସୃଷ୍ଟି ହୋଇଯିବ ବୋଲି ତେଣୁ ସେମାନେ ଆମ ସହିତ ଆସିପାରିଲେ ନାହିଁ ନଚେତ ସେମାନେ କଦାପି ପଛରେ ରହିଯାଇନଥାନ୍ତେ । ସେମାନେ ଆପଣଙ୍କୁ ସୁରକ୍ଷା ପ୍ରଦାନ କରିବାରେ ନିଜ ପ୍ରାଣ ଉତ୍ସର୍ଗ କରିବାରେ ମଧ୍ୟ ତିଳେମାତ୍ର ଅବହେଳା ପ୍ରଦର୍ଶନ କରିବେ ନାହିଁ । ଏହା ସାଆଦ୍ ବିନ୍ ମାଆଜ୍‌ଙ୍କର ନିଷ୍ଠାପରତା ଥିଲା ଯାହାକି ପ୍ରଶଂସା ଯୋଗ୍ୟ । ନଚେତ ଅଲ୍ଲାଃଙ୍କର ରସୁଲ୍ କଣ କେବେ ରଣଭୁମିରୁ ପଳାୟନ କରିପାରେ । ଯୁଦ୍ଧରେ ହଜୁର ସ:ଆ:ସ ସର୍ବଦା ସବୁଠାରୁ ଆଗରେ ଦଣ୍ଡାୟମାନ ରହୁଥିଲେ । ସୁତରାଂ ହୁନୈନ୍ ଯୁଦ୍ଧରେ ବାରହଜାର ସୈନ୍ୟ ଯେତେବେଳେ ପଳାୟନ କରିବସିଥିଲେ ସେପରି ଉତ୍କଟ ପରିସ୍ଥିତିରେ ମଧ୍ୟ ପ୍ରଭୁଙ୍କ ବୀର ଓ ମହାନ୍ ଅବତାର ନିଜର ସ୍ଥାନରେ ଅଟଳ ରହିଥିଲେ । ସେ ଯାହା ହେଉ ସେହି ଅସ୍ଥାୟୀ କୋଠରୀରେ ହଜୁର ସ:ଆ:ସ ଓ ଅବୁବକର ରାତ୍ରିଯାପନ କରିଥିଲେ ଏବଂ ସାରା ରାତି ହଜୁର ପ୍ରଭୁଙ୍କ ନିକଟରେ ଦୁଆ ପ୍ରାର୍ଥନା କରୁଥିଲେ ଏବଂ ଉଲ୍ଲେଖ ରହିଛି ଯେ, ହଜୁର ସ:ଆ:ସଙ୍କ ବ୍ୟତିତ ସମ୍ପୁର୍ଣ୍ଣ ମୁସଲମାନ ଦଳ ନିଜ ନିଜ ପାଳିରେ ଶୟନ କରିଥିଲେ ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍.......... ପୃ-୩୫୬-୩୫୭)***

ଓ୍ୱହଦ୍ ଯୁଦ୍ଧରେ ଜୁମା ଦିନ ରାତ୍ରିରେ ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍ ଓ ଉସୈଦ୍ ବିନ୍ ହୁଜୈର୍ ର:ଅ ଏବଂ ହଜ୍‌ରତ୍ ସାଆଦ୍ ବିନ୍ ଅବାଦା ହଜୁର ସ:ଆ:ସଙ୍କ ଦ୍ୱାରପାଳ ପରି ପହରା ଦେଇଥିଲେ । ହଜୁର ସ:ଆ:ସ ଘରୁ ବାହାରିଲେ ସେତେବେଳେ ଆପଣ ନିଜ ଯୁଦ୍ଧ ବସ୍ତ୍ର ପରିଧାନ କରିଥିଲେ ହାତରେ ବର୍ଚ୍ଛା ରହିଥିଲା । ନିଜ ବାହନ ନେଇ ହଜୁର ମଦିନାରୁ ବାହାରକୁ ଚାଲିଗଲେ ଏବଂ ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍ ଓ ସାଆଦ୍ ବିନ୍ ଅବାଦା ଆପଣଙ୍କ ଆଗେ ଆଗେ ଦୌଡ଼ି ଚାଲିଥିଲେ । ସେ ଦୁହେଁ ମଧ୍ୟ ଯୁଦ୍ଧ ବସ୍ତ୍ର ପରିଧାନ କରିଥିଲେ ।

***(ତବକାତୁଲ୍ କୁବ୍‌ରା........ଖଣ୍ଡ-୨, ପୃ-୨୮-୩୦........... ବେରୁତ ୧୯୯୦)***

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଓ୍ୱହଦ୍ ଯୁଦ୍ଧର ଚର୍ଚ୍ଚା କରି ଉଲ୍ଲେଖ କରିଛନ୍ତି, ହଜୁର ସ:ଆ:ସ ସାହାବାଙ୍କର ଏକ ବଡ଼ ଦଳର ସହିତ ମଦିନାରୁ ବାହାରିଗଲେ କବିଲା ଓ୍ୱସ୍ ଓ ଖଜ୍‌ରଜ୍‌ର ସର୍ଦ୍ଦାର ସାଆଦ୍ ବିନ୍ ମାଆଜ୍ ଓ ସାଆଦ୍ ବିନ୍ ଅବାଦା ଆପଣଙ୍କ ବାହନ ସମ୍ମୁଖରେ ଧିରେ ଧିରେ ଅଗ୍ରସର ହେଉଥିଲେ । ତଥା ଅନ୍ୟ ସାହାବାଗଣ ଆପଣଙ୍କ ବାମ ଓ ଦକ୍ଷିଣପାର୍ଶ୍ୱରେ ଏବଂ ପଛେ ପଛେ ରହିଥିଲେ ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍.......... ପୃ-୪୮୬)***

ଯେତେବେଳେ ହଜୁର ଓ୍ୱହଦ୍‌ରୁ ମଦିନା ଅଭିମୁଖେ ପ୍ରତ୍ୟାବର୍ତନ କଲେ ସେତେବେଳେ ହଜୁର ସାଆଦ୍ ବିନ୍ ମାଆଜ୍ ଓ ସାଆଦ୍ ବିନ୍ ଅବାଦାଙ୍କ ସାହାରା ନେଇ ନିଜ ଘରେ ପ୍ରବେଶ କଲେ । ***(ସୁବୁଲୁଲ୍ ହୁଦା, ଖଣ୍ଡ-୪, ପୃ-୨୨୯......... ବେରୁତ ୧୯୯୩)***

ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍‌ଙ୍କ ମାତାଙ୍କର ହଜୁର ସ:ଆ:ସଙ୍କ ସହ କିଭଳି ଭଲ ପାଇବା ରହିଥିଲା ତାହାର ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ବର୍ଣ୍ଣନା କରନ୍ତି, ଓ୍ୱହଦ୍ ଯୁଦ୍ଧରୁ ପ୍ରତ୍ୟାବର୍ତନ କରିବା ସମୟରେ ହଜୁର ସ:ଆ:ସଙ୍କ ବାହନର ଲଗାମ୍ ଅର୍ଥାତ ପଘା ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍‌ଙ୍କ ହସ୍ତରେ ରହିଥିଲା ଏବଂ ସେ ଗର୍ବର ସହିତ ଚାଲୁଥିଲେ । ଉକ୍ତ ଯୁଦ୍ଧରେ ତାଙ୍କ ଭ୍ରାତା ଶହୀଦ ହୋଇଥିଲେ । ମଦିନା ନିକଟବର୍ତୀ ହେଲା ବେଳକୁ ସାଆଦ୍ ଦେଖିଲେ ତାଙ୍କ ମାତା ତାଙ୍କରି ଆଡ଼କୁ ଚାଲିଆସୁଛନ୍ତି । ସୁତରାଂ ସେ କହିଲେ ହେ, ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ମୋ ମାତା ଆସୁଛନ୍ତି, ସେତେବେଳେ ତାଙ୍କ ମାତାଙ୍କ ବୟସ ପାଖାପାଖି ୮୦ କିମ୍ବା ୮୨ ବର୍ଷ ହୋଇଥିବ ଏବଂ ତାଙ୍କର ଦୃଷ୍ଟିଶକ୍ତି ମଧ୍ୟ କ୍ଷୁର୍ଣ୍ଣ ହୋଇଯାଇଥିଲା ଅର୍ଥାତ ଖୁବ୍ କମ୍ ତାଙ୍କୁ ଦେଖାଯାଉଥିଲା । ମଦିନାରେ ଏହି ଖବର ବ୍ୟାପି ଯାଇଥିଲା ଯେ, ଯୁଦ୍ଧରେ ହଜୁର ସ:ଆ:ସ ଶହୀଦ ହୋଇଯାଇଛନ୍ତି ଏହି ଖବର ଶୁଣି ସେ ବୃଦ୍ଧା ମହିଳା ମଧ୍ୟ ଛୋଟେଇ ଛୋଟେଇ ମଦିନା ବାହାରକୁ ଚାଲିଆସିଥିଲେ । ତାଙ୍କୁ ଦେଖି ହଜୁର ନିଜ ବାହନକୁ ଅଟକାଇବାକୁ କହିଲେ, ଯେତେବେଳେ ହଜୁର ସ:ଆ:ସ ତାଙ୍କ ନିକଟତର ହେଲେ ସେତେବେଳେ ସେ ନିଜ ସନ୍ତାନମାନଙ୍କ କଥା ପଚାରିଲେ ନାହିଁ କେବଳ ଏତିକି ପଚାରିଲେ ହଜୁର ସ:ଆ:ସ କେଉଁଠାରେ, ସାଆଦ୍ ଉତର ଦେଲେ ହେ ମାତା ତୁମ ସମ୍ମୁଖରେ ହଜୁର ଛିଡ଼ା ହୋଇଛନ୍ତି । ଉକ୍ତ ମହିଳାଜଣକ ନିଜ ଦୁର୍ବଳ ଦୃଷ୍ଟିଶକ୍ତି ସତ୍ୱେ ଉପରକୁ ଚାହିଁଲେ ହଜୁର କହିଲେ ବିବି ମୁଁ ଦୁଃଖିତ ଯେ ତୁମ ପୁତ୍ର ଶହୀଦ ହୋଇଯାଇଛନ୍ତି ଯଦି କେହି ବୃଦ୍ଧା ଅବସ୍ଥାରେ ଏଭଳି ଖବର ଶୁଣେ ତେବେ ସେ ଅବାକ୍

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ହୋଇ ଚେତା ହରାଇ ବସିଥାଏ । କିନ୍ତୁ ଏହି ବୃଦ୍ଧା ମହିଳାଜଣକ କିପରି ପ୍ରିତିଭରା ଉତର ଦେଲେ କି ହେ ଅଲ୍ଲାଃଙ୍କ ରସୁଲ୍! ଆପଣ କଣ କହୁଛନ୍ତି, ମତେ ତ କେବଳ ଆପଣଙ୍କ ସୁରକ୍ଷାର ଚିନ୍ତା ଘାରୁଥିଲା ।

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ପରେ ଅହେମଦୀ ମହିଳାମାନଙ୍କୁ ସମ୍ବୋଧନ କରି ଏହି ଘଟଣା ସମ୍ବନ୍ଧରେ ଚର୍ଚ୍ଚା କରିଛନ୍ତି, ଏମାନେ ଏପରି ମହିଳାଥିଲେ ଯେଉଁମାନେ, ଇସ୍‌ଲାମ୍‌ର ପ୍ରଚାର ପ୍ରସାର କରିବାରେ ପୁରୁଷମାନଙ୍କ କାନ୍ଧରେ କାନ୍ଧ ମିଳାଇ ଚାଲୁଥିଲେ ଏବଂ ଏହା ସେହି ମହିଳାମାନଙ୍କ ବଳିଦାନ ଯାହା ପାଇଁ ସମଗ୍ର ଇସ୍‌ଲାମ୍ ଜଗତ ଆଜି ଗର୍ବ ଅନୁଭବ କରୁଅଛି । ହେ ମସିହ ମଉଦ୍ ଆ:ସଙ୍କୁ ସ୍ୱୀକାର କରିଥିବା ମହିଳାମାନେ ତୁମେମାନେ ଦାବି କରୁଛ ଯେ, ତୁମେ ତାଙ୍କର ବୟତ କରିଛ ଏବଂ ହଜ୍‌ରତ୍ ମସିହ୍ ମଉଦ୍, ହଜ୍‌ରତ୍ ମୁହମ୍ମଦ ମୁସ୍ତଫାଙ୍କ ଅନୁରୂପ ନବୀ ଏହି ଦୃଷ୍ଟିକୋଣରୁ ତୁମେ ଅନ୍ୟ ଶବ୍ଦରେ କହିଲେ ସେହି ସାହାବିୟାଙ୍କର ଅନୁରୁପ ହୋଇଯାଇଛ । କିନ୍ତୁ ତୁମେ ସତ କୁହ କଣ ତୁମ ଅନ୍ତଦେଶରେ ସେହିପରି ଧର୍ମ ପ୍ରତି ଉତ୍କଣ୍ଠା ରହିଛି ଯେପରି ସେହି ସାହାବିୟାଙ୍କ ମଧ୍ୟରେ ରହିଥିଲା । କଣ ତୁମ ମଧ୍ୟରେ ତାଙ୍କ ପରି ଉଜ୍ଜଳତା ରହିଛି,ଭ ପ୍ରକାଶ ରହିଛି କଣ ତୁମ ସନ୍ତାନମାନେ ସେହି ପରି ପୂଣ୍ୟବନ୍ତ ଯେପରି ସେହି ସାହାବିୟାଙ୍କର ସନ୍ତାନମାନେ ଥିଲେ ? ଯଦି ତୁମେ ନିଜର ବିଶ୍ଳେଷଣ କର ତେବେ ତୁମେ ନିଜକୁ ସେମାନଙ୍କ ତୁଳନାରେ ଖୁବ୍ ନିମ୍ନରେ ଓ ତୁଚ୍ଛ ମନେକରିବ । ସାହାବିୟାମାନେ ଯେଉଁ ବଳିଦାନ ଦେଇଛନ୍ତି ସେହିପରି ଉଦାହରଣ ସମଗ୍ର ବିଶ୍ୱରେ ଆଜିପର୍ଯ୍ୟନ୍ତ କେହି ଦେଖାଇନାହାନ୍ତି ସେମାନେ ଏପରି ପ୍ରାଣ ମୁର୍ଚ୍ଛା ବଳିଦାନ ଦେଲେ ଯାହାକି ପରମେଶ୍ୱରଙ୍କୁ ମଧ୍ୟ ପ୍ରଭାବିତ କରିଥିଲା । ଯଦ୍ୱାରା ପ୍ରଭୁ ଖୁବ୍ ଶିଘ୍ର ସେମାନଙ୍କୁ ସଫଳତା ପ୍ରଦାନ କରିଥିଲେ । ଅନ୍ୟ ଗୋଷ୍ଠୀ ସମୁହ ଯାହା ଶତାବ୍ଦୀ ଶତାବ୍ଦୀ ଧରି କରିପାରିନଥିଲେ ତାହା ସେହି ସାହାବି ଓ ସାହାବିୟାମାନେ ମାତ୍ର କିଛି ବର୍ଷ ମଧ୍ୟରେ କରିଦେଖାଇଥିଲେ । ***(ଫରିଜାଏ ତବ୍‌ଲିଗ୍ ଅଓର୍ ଅହେମଦୀ ଖୱାତିନ୍, ଅନୱାରୁଲ୍ ଉଲୁମ୍ ଖଣ୍ଡ-୧୮, ପୃ-୪୦୦-୪୦୧)***

ଯେହେତୁ ହଜୁର ଅହେମଦୀ ମହିଳାମାନଙ୍କୁ ସମ୍ବୋଧନ କରୁଥିଲେ ସେଥିପାଇଁ ତାଙ୍କର ଚର୍ଚ୍ଚା ରହିଛି । ନଚେତ ଅନେକ ସ୍ଥାନରେ ସର୍ବଦା ଖଲିଫାମାନେ ଓ ମୁଁ ମଧ୍ୟ ଆମ ପୁରୁଷ ଓ ମହିଳାମାନଙ୍କୁ କହି ଆସୁଅଛୁ ଯେ, ଆମମାନଙ୍କୁ ସେହିପରି ନମୁନା ପ୍ରଦର୍ଶନ କରିବାକୁ ହେବ, ତେବେ ଯାଇ ଆମେ ଯେଉଁ ଘୋଷଣା କରିଅଛୁ ବା କରୁଛେ ଏବଂ ସମଗ୍ର ବିଶ୍ୱରେ ଇସ୍‌ଲାମ୍‌ର ବାର୍ତା ପହଂଚାଇବାର ଯେଉଁ ଘୋଷଣା କରୁଛେ ତଥା ସମସ୍ତଙ୍କୁ ଏହି ଧ୍ୱଜା ତଳେ ଏକତ୍ରୀତ କରିବାର ଯେଉଁ ଘୋଷଣା କରୁଛେ, ଯେଉଁ ଦାୟିତ୍ୱ ବହନ କରିଛେ ତାହା ସେତେବେଳେ ସମ୍ପର୍ଣ୍ଣ ହେବ ଯେତେବେଳେ ଆମ ବଳିଦାନ ଓ ଆମ କାର୍ଯ୍ୟ ଶୈଳୀ ସେଥିମୁତାବକ ହେବ ଯେପରି ସାହାବାମାନେ ଆମ ସମ୍ମୁଖରେ ଛାଡ଼ି ଯାଇଛନ୍ତି ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି, ଇସାଇ ଜଗତ ମରିୟମ ଓ ତାଙ୍କ ସାଥି ମହିଳାମାନଙ୍କ ସାହାସିକତାରେ ଆନନ୍ଦିତ ଯେ, ସେମାନେ ମସିହ୍‌ଙ୍କ କବର ନିକଟରେ ସକାଳୁ ସକାଳୁ ଲୁଚି ଲୁଚି ଯାଇ ପହଂଚିଯାଇଥିଲେ । କିନ୍ତୁ ମୁଁ ସେମାନଙ୍କୁ କହୁଛି ଆସ, ଆସି ମୋ ପ୍ରେମୀମାନଙ୍କ ନିଷ୍ଠାପରତା ଓ ଉତ୍ସର୍ଗମୂଳକ ଘଟଣାକୁ କ୍ଷଣକ ପାଇଁ ନଜର ପକାଇ ଦେଖ । ଯେ କେଉଁଭଳି ପରିସ୍ଥିତିରେ ସେମାନେ ହଜୁର ସ:ଆ:ସଙ୍କ ସାହାଯ୍ୟ ସହଯୋଗ କରିଥିଲେ ଏବଂ ଏକଶ୍ୱରବାଦର ଧ୍ୱଜାକୁ ଉତଳନ କରିଥିଲେ । କଣ ଏଭଳି ଉତ୍ସର୍ଗତାର ଗୋଟିଏ ହେଲେ ଉଦାହରଣ ଇତିହାସ ପୃଷ୍ଠାରେ ମିଳୁଅଛି ? ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଶହୀଦମାନଙ୍କୁ କବର ଦେଇ ମଦିନା ପ୍ରତ୍ୟାବର୍ତନ କରିଥିଲେ, ସେତେବେଳେ ମଦିନାର ମହିଳା ପିଲାଛୁଆ ସମସ୍ତେ ହଜୁର ସ:ଆ:ସଙ୍କୁ ସ୍ୱାଗତ କରିବାପାଇଁ ପାଛୋଟି ନେବାପାଇଁ ବାହାରକୁ ଚାଲିଆସିଥିଲେ । ସାଆଦ୍ ବିନ୍ ମାଆଜ୍ ହଜୁର ସ:ଆ:ସଙ୍କ ବାହନର ଲଗାମ୍ ଧରି ଗର୍ବର ସହିତ ଚାଲିଆସୁଥିଲେ ଯେପରି ସଂସାର ବାସୀଙ୍କୁ ସେ ଏହା କହିବାକୁ ଚାହୁଁଥିଲେ ଯେ, ଦେଖ ଆମେ ହଜୁର ସ:ଆ:ସଙ୍କୁ ସୁରକ୍ଷିତ ଫେରାଇ ଆଣିଛୁ । ସେତେବେଳେ ତାଙ୍କ ବୃଦ୍ଧମାତା ଯାହାଙ୍କ ଦୃଷ୍ଟିଶକ୍ତି ଅତି ଦୁର୍ବଳ ହୋଇଯାଇଥିଲା । ତାଙ୍କ ଆଡ଼କୁ ଚାଲିଆସୁଥିଲେ । ଓ୍ୱହଦ୍ ଯୁଦ୍ଧରେ ସେ ନିଜର ପୁତ୍ର ଉମ୍‌ରୋ ବିନ୍ ମାଆଜ୍‌ଙ୍କୁ ହରାଇଥିଲେ ଅର୍ଥାତ ସେ ଶହୀଦ ହୋଇଥିଲେ । ତାଙ୍କୁ ଦେଖି ସାଆଦ୍ କହିଲେ ଅର୍ଥାତ ନିଜ ମାତାଙ୍କୁ ଦେଖି ସାଆଦ୍ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ମାତା ଚାଲିଆସୁଛନ୍ତି । ହଜୁର ଉତର ଦେଲେ ପ୍ରଭୁଙ୍କ କଲ୍ୟାଣର ସହିତ ଆସୁଛନ୍ତି । ସେ ଆଗକୁ ବଢ଼ି ନିଜ ଦୁର୍ବଳ ନେତ୍ରରେ ଏଣେତେଣେ ଦେଖି କହିଲେ ହଜୁର ସ:ଆ:ସଙ୍କ ପବିତ୍ର ମୁଖ ଦେଖିନିଏ । ଶେଷରେ ହଜୁର ସ:ଆ:ସଙ୍କୁ ଚିହ୍ନିପାରି ଆନନ୍ଦ ମୁଖର ହୋଇ ଉଠିଲେ । ହଜୁର ସ:ଆ:ସ କହିଲେ ହେ ମାତା ! ମତେ ତୁମ ପୁତ୍ରଙ୍କର ଶହୀଦ ହୋଇଯାଇଥିବା ଯୋଗୁଁ ସହାନୁଭୂତି ରହିଛି । ଏଥିରେ ସେହି ପୂଣ୍ୟବନ୍ତ ମହିଳାଜଣକ କହିଲେ, ହଜୁର ଯେତେବେଳେ ମୁଁ ଆପଣଙ୍କୁ ସକୁଶଳେ ଦେଖିନେଲି ସେତେବେଳେ ବୁଝିନିଅନ୍ତୁ ଯେ, ସମସ୍ତ ଦୁଃଖ ଯନ୍ତ୍ରଣା ଓ ସମସ୍ୟାକୁ ରାନ୍ଧି ଖାଇଦେଇଛି । ଏହା ଅଭୁତପୂର୍ଣ୍ଣ ରୂଢ଼ି ଯାହାକି ଗଭୀର ପ୍ରେମଭାବକୁ ପରିପ୍ରକାଶ କରୁଅଛି । ଦୁଃଖ ମନୁଷ୍ୟକୁ ଧ୍ୱଂସ କରିନେଇଥାଏ କିନ୍ତୁ ଏହି ମହିଳା ଯାହାର ବୃଦ୍ଧାବସ୍ଥାରେ ତାହାର ଯୁବ ସନ୍ତାନ ଚାଲିଯାଇଛି ଓ ତାହାର ଦୁଃଖ ତାଙ୍କୁ ମର୍ମାହାତ କରିଥାଏ । ତାହାକୁ ସେ ସମ୍ପୁର୍ଣ୍ଣରୂପେ ଭାଙ୍ଗି ଦେଇଥାଏ କିନ୍ତୁ ସେ ଉତର ଦେଲେ ଦେଉଛନ୍ତି ଯେ, ହଜୁର ସ:ଆ:ସଙ୍କ ସୁରକ୍ଷିତ ଦେଖି ମୁଁ ନିଜ ପୁତ୍ରର ବିରହ ଯନ୍ତ୍ରଣାକୁ ମଧ୍ୟ ସେବନ କରିନେବି ଏବଂ ମୋ ମଧ୍ୟରେ ନୂତନ ଶକ୍ତି ସଂଚାଳିତ ହେବ ନା କି ମୋ ପୁତ୍ରର ମୃତ୍ୟୁମତେ ଗ୍ରାସ କରିବ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଅନ୍‌ସାରମାନଙ୍କ ପ୍ରଶଂସା କରି ସେମାନଙ୍କୁ ଦୁଆ ଦେଇ କୁହନ୍ତି । ହେ ଅନ୍‌ସାରଗଣ ମୋ ଜୀବନ ତୁମମାନଙ୍କ ସକାଶେ ଉତ୍ସଗୀକୃତ ତୁମେମାନେ କିଭଳି ପୂଣ୍ୟ ଅର୍ଜନ କରିଚାଲିଗଲ । ***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍ ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୨୫୬-୨୫୭)***

ହଜୁର ସ:ଆ:ସ କାଆବ୍ ବିନ୍ ଅଶ୍‌ରଫଙ୍କୁ ଇସ୍‌ଲାମ୍ ବିରୋଧି ଓ ଶତୃତା କରିବା ଯୋଗୁଁ ତାକୁ ହତ୍ୟାକରିବା ପାଇଁ ଦଣ୍ଡାଦେଶ ଶୁଣାଇଥିଲେ । ଏଥି ସଂକ୍ରାନ୍ତରେ ଅନ୍‌ସାରମାନଙ୍କ ସର୍ଦ୍ଦାର ଦୃଷ୍ଟିକୋଣରୁ ସାଆଦ୍ ବିନ୍ ମାଆଜ୍‌ଙ୍କର ପରାମର୍ଶ ମଧ୍ୟ ରହିଥିଲା । ଏହାର ବିସ୍ତାର ବ୍ୟାଖ୍ୟା କିଛିଦିନ ପୂର୍ବେ ମୁଁ ଦୁଇଜଣ ସାହାବଙ୍କ ଜୀବନୀ ଚର୍ଚ୍ଚାରେ ଆଲୋଚନା କରିଥିଲି । ***(ଖୁତ୍‌ବା ଜୁମା ୭ ଡ଼ିସେମ୍ବର ୨୦୧୮, ଖୁତ୍‌ବା ଜୁମା ୭ ଫେବୃୟାରୀ ୨୦୨୦)***

ତାହାର କିଛି ଅଂଶ ଏଠାରେ ବର୍ଣ୍ଣନା କରିବି । କାରଣ ଉକ୍ତ ଘଟଣା ସାଆଦ୍ ବିନ୍ ମାଆଜ୍‌ଙ୍କ ସହ ସମ୍ପର୍କିତ ଯାହାକି ମୁଁ ସିରତ୍ ଖାତ୍‌ମୁନ୍ ନବିୟିନ୍‌ରୁ ସଂଗ୍ରହ କରିଛି ।

ଯେତେବେଳେ ହଜୁର ସ:ଆ:ସ ମଦିନା ହିଜ୍‌ରତ କରି ଚାଲିଆସିଲେ । ସେତେବେଳେ କାଆବ୍ ବିନ୍ ଅସ୍‌ରଫ୍ ଅନ୍ୟ ୟହୁଦୀମାନଙ୍କ ସହିତ ମିଶି ସେହି ସନ୍ଧିରେ ଅଂଶଗ୍ରହଣ କଲେ ଯାହାକି ହଜୁର ସ:ଆ:ସ ଓ ୟହୁଦୀମାନଙ୍କ ମଧ୍ୟରେ ପାରସ୍ପରିକ ବନ୍ଧୁତ୍ୱତା ଏବଂ ଶାନ୍ତି ତଥା ମିଳିତ ପ୍ରତିରକ୍ଷା ସମ୍ପର୍କରେ ଉଲ୍ଲେଖିତ କରାଯାଇଥିଲା । କିନ୍ତୁ ଭିତରେ ଭିତରେ କାଆବ୍‌ଙ୍କ ହୃଦୟରେ ବିଦ୍ୱେଷଭାବ ତଥା ଶତୃତାର ଅଗ୍ନୀଶିଖା ପ୍ରଜ୍ୱଳିତ ହେବାକୁ ଲାଗିଥିଲା ଏବଂ ସେ ଗୁପ୍ତ ଯୋଜନା ତଥା ନିଚ ଚକ୍ରାନ୍ତ କରି ଇସ୍‌ଲାମ୍ ଓ ଇସ୍‌ଲାମ୍‌ର ସଂସ୍ଥାପକ ପ୍ରତି ବିରୋଧ ପ୍ରଦର୍ଶନ କରିବା ଆରମ୍ଭ କରିଦେଇଥିଲା । ସୁତରାଂ ଉଲ୍ଲେଖ ଯୋଗ୍ୟ ଯେ କାଆବ୍ ପ୍ରତିବର୍ଷ ୟହୁଦୀ ବୁଦ୍ଧିଜୀବୀ ଓ ମନିଷିମାନଙ୍କୁ ବହୁତ ଦାନ ଦକ୍ଷିଣା ଦେଉଥିଲା । ଦିନେ ସେ ସେହି ବୁଦ୍ଧିଜୀବୀ ଓ ବିଦ୍ୱାନମାନଙ୍କୁ ସେମାନଙ୍କର ଧାର୍ମିକ ପୁସ୍ତକ ଅନୁଯାୟୀ ହଜୁର ସ:ଆ:ସଙ୍କ ସମ୍ବନ୍ଧରେ ପ୍ରଶ୍ନ କଲା ଯେ, ତୁମମାନଙ୍କ ମତରେ ଏ ମୁହମ୍ମଦ ସତ୍ୟ ବ୍ୟକ୍ତି ଅଟେ କି ? ସେ କହିଲେ କି ପ୍ରକାଶ୍ୟରେ ତମୁହମ୍ମଦ ସେହି ବ୍ୟକ୍ତି ଜଣାପଡୁଛନ୍ତି ଯାହାର ଆମମାନଙ୍କୁ ପ୍ରତିଶୃତି ଦିଆଯାଇଥିଲା ଏବଂ ଆମମାନଙ୍କର ଶିକ୍ଷାରେ ଯାହାଙ୍କର ଚର୍ଚ୍ଚା ଦେଖିବାକୁ ମିଳୁଅଛି କାଆବ୍ ଆଁ ହଜ୍‌ରତ୍ ସ:ଆ:ସ ଓ ଇସ୍‌ଲାମ୍‌ର ଜଣେ ଘୋର ବିରୋଧି ତଥା ଶତୃ ଥିଲା । ବୁଦ୍ଧିଜିବୀମାନଙ୍କଠାରୁ ଏପରି ଉତର ଶୁଣି କାଆବ୍ ବିଗିଡ଼ିଗଲା ଏବଂ ସେମାନଙ୍କୁ ଅତି ଅଳଶୁଆ କହି ଅଭାଷା ଓ ଗାଳିଗୁଲଜ କରି ସେଠାରୁ ଚାଲିଗଲା ଏବଂ କାଆବ୍ ପୂର୍ବେ ସେମାନଙ୍କୁ ଯେଉଁ ଦାନ ଦେଉଥିଲା ତାହା ମଧ୍ୟ ସେ ବନ୍ଦ କରିଦେଲା । ଯେତେବେଳେ ସେମାନଙ୍କର ଓଜିଫା ତଥା ଦାନ ବନ୍ଦ ହୋଇଗଲା । ସେମାନେ କିଛି କାଳ ପରେ କାଆବ୍‌ଙ୍କ ନିକଟକୁ ଆସିଲେ ଏବଂ ପୂର୍ନବାର ଏହି ପ୍ରସଙ୍ଗରେ କହିଲେ କି ମୁହମ୍ମଦ ସ:ଆ:ସ ସେହି ନବୀ ନୁହନ୍ତି ଯାହାଙ୍କର ଆମମାନଙ୍କୁ ପ୍ରତିଶୃତି ଦିଆଯାଇଛି । ସାମ୍ପ୍ରତିକ ଯୁଗରେ ମଧ୍ୟ ଗୈର୍ ଅହେମଦୀ ମୌଲବୀମାନେ ମଧ୍ୟ ଅର୍ଥ ଲୋଭରେ ଏହିପରି କାର୍ଯ୍ୟ କରୁଛନ୍ତି । ସୁତରାଂ ଉକ୍ତ କଥାକୁ କାଆବ୍ ଶୁଣି ପ୍ରସନ୍ନିତ ହୋଇ ସେମାନଙ୍କର ଓ୍ୱଜିଫା ଓ ପାଉଣା ପୂର୍ନବାର ଜାରି କରିଦେଇଥିଲା ।

ସେ ଯାହା ହେଉ ନା କାହିଁକି ଏହା ତ ଅତି ସାଧାରଣ କଥା ଥିଲା ଯେ ସେ ୟହୁଦୀ ବୁଦ୍ଧିଜିବୀ ଏବଂ ବିଦ୍ୱାନମାନଙ୍କୁ ନିଜ ସହିତ ମିଶାଇନେଲା । କିନ୍ତୁ ସଙ୍ଗୀନ କଥା ଏହା ଥିଲା ଯେ, ବଦର ଯୁଦ୍ଧପରେ ସେ ଏପରି ଆଚରଣ ଅବଲମ୍ବନ କଲା ଯାହାକି ଅତ୍ୟନ୍ତ ଉପଦ୍ରବ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ମୂଳକ ଥିଲା । ଏବଂ ଯାହାର ପରିଣତି ସ୍ୱରୁପ ମୁସଲମାନମାନଙ୍କ ପାଇଁ ଅତ୍ୟନ୍ତ ଭୟାଭୟ ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଯାଇଥିଲା । ବଦର ଯୁଦ୍ଧ ଅବସରରେ ଯେତେବେଳେ ମୁସଲମାନମାନଙ୍କୁ ଏକ ସାଧାରଣ ବିଜୟ ପ୍ରାପ୍ତ ହେଲା ଏବଂ କୁରୈଶ୍‌ର ଅଧିକାଂଶ ଦଳପତିମାନେ ନିହତ ହେଲେ ସେତେବେଳେ କାଆବ୍ ଏହା ମନେକରି ନେଲା ଯେ, ବର୍ତମାନ ନୂତନ ଧର୍ମଟି ସହଜରେ ନିଶ୍ଚିହ୍ନ ହେଉଥିବାର ଦୃଶ୍ୟମାନ ହେଉନାହିଁ । ପ୍ରଥମେ ତ ଆମର ଏହା ଧାରଣା ଥିଲା ଯେ, ଏହି ନୂତନ ଧର୍ମଟି ଆପେ ଆପେ ନିଶ୍ଚିହ୍ନ ହୋଇଯିବ । କିନ୍ତୁ ବର୍ତମାନ ତାହା ବିସ୍ତାର ଲାଭ କରିଚାଲିଛି ସୁତରାଂ ବଦର ଯୁଦ୍ଧପରେ ସେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରି ଇସ୍‌ଲାମ୍‌ର ମୂଳପ୍ରାଟନ କରିବାରେ କୌଣସି ସୁଯୋଗକୁ ହାତଛଡ଼ା କଲାନାହିଁ ଏବଂ ସେ ଏହି ଶପଥ କଲା ଯେ, ମୁଁ ଇସ୍‌ଲାମ୍‌କୁ ସମ୍ପୁର୍ଣ୍ଣରୂପେ ମୁଳପୋଛ କରିଦେବି । ଯେପରି ମୁଁ ପୂର୍ବେ ଆଲୋଚନା କଲି ଯେ, ବଦର ଯୁଦ୍ଧ ପରେ ମୁସଲମାନମାନଙ୍କ ବିଜୟପରେ ଅବିଶ୍ୱାସକାରୀମାନଙ୍କର କ୍ରୋଧ ଓ କୋପ ସେମାନଙ୍କ ହୃଦୟରେ ଅତିଷ୍ଠ ହୋଇପଡ଼ିଥିଲା । ଉକ୍ତ କ୍ରୋଧ ଯୋଗୁଁ ଯେତେବେଳେ ସେ ଏହି ନିଷ୍ପତି ନେଲା ଯେ, ମୁଁ ଇସ୍‌ଲାମ୍‌କୁ ସମ୍ପୁର୍ଣ୍ଣରୂପେ ଧ୍ୱସଂ କରିଦେବି । ସେତେବେଳେ ସେ ଯଥା ସମ୍ଭବ ଯେତେ ଶିଘ୍ର ହୋଇପାରେ ସେତେ ଶିଘ୍ର ମକ୍କା ଅଭିମୁଖେ ବାହାରିପଡ଼ିଲା ଏବଂ ସେଠାରେ ପହଂଚି ସେ ନିଜର ଚାଟୁକାରିତା ପୂର୍ଣ୍ଣ ବଚନର ପ୍ରୟୋଗ କରି ଏବଂ କବିତା ବଳରେ କୁରୈଶ୍‌ମାନଙ୍କ ମନରେ ଉଦ୍ଦିପୀତ ଅଗ୍ନୀକୁ ଆହୁର ଅଧିକ ପ୍ରଜ୍ୱଳିତ କଲା । ସେମାନଙ୍କ ମନ ମସ୍ତିଷ୍କରେ ମୁସଲମାନମାନଙ୍କର ରକ୍ତ ବୁହାଇବାର ତୃଷ୍ଣାକୁ ଆହୁରି ଅଧିକ ବଢ଼ାଇଦେଲା । କାଆବ୍ ନିଜର ଜାତିକୁ ସମ୍ବୋଧନ କରି କହିଲା ଯେ, ତୁମେ ପରାଜିତ ହୋଇଛ, ତୁମ ନେତାମାନଙ୍କୁ ସେମାନେ ବନ୍ଧ କଲେ । ଅଥଚ ତୁମେ ଏଠାରେ ବସି ରହିଛ, ଯାଅ ଯାଇ ପ୍ରତିଶୋଧ ନିଅ ସୁତରାଂ କୁରୈଶ୍‌ମାନେ ଉତେଜିତ ହୋଇ ଉଠିଲେ । ଯେତେବେଳେ ସେମାନଙ୍କର ମନ କାଆବ୍‌ଙ୍କର ଭାଷଣ ଓ କବିତା ଦ୍ୱାରା ପ୍ରତିଶୋଧ ପରାୟଣ ହୋଇଉଠିଲା । କାଆବ୍‌ର ଉତେଜନା ପୂର୍ଣ୍ଣ ଭାଷଣ ଦ୍ୱାରା ସେମାନଙ୍କର ଆବେଗତ୍ମକ ସ୍ୱଭାବରେ ଅତିବ ବିଦ୍ୟୁତ ଉତ୍ପନ୍ନ ହୋଇଗଲା । ସେତେବେଳେ କାଆବ୍ ସେମାନଙ୍କୁ ଧରି ଖାନାକାବାର ପ୍ରାଙ୍ଗଣକୁ ନେଇଆସିଲା ଏବଂ ଖାନାକାବାର ପରଦାକୁ ସେମାନଙ୍କ ହାତରେ ଧରାଇ ସେମାନଙ୍କଠାରୁ ପ୍ରତିଶୃତି ନେଲା କି ସେମାନେ ଇସ୍‌ଲାମ୍ ଓ ଇସ୍‌ଲାମ୍‌ର ସଂସ୍ଥାପକଙ୍କୁ ଭୁପୃଷ୍ଠରୁ ନିଶ୍ଚିହ୍ନ କରିଦେବେ ଏବଂ ଯେପର୍ଯ୍ୟନ୍ତ ସେମାନେ ଏପରି କରିନାହାନ୍ତି ସେପର୍ଯ୍ୟନ୍ତ ସେମାନେ ଶାନ୍ତିରେ ନିଶ୍ୱାସ ନେବେ ନାହିଁ । ମକ୍କାରେ ଅଗ୍ନେୟ ଉଦ୍‌ଗିରଣ ସୃଷ୍ଟି କରିବାପରେ ସେ ଏତିକିରେ ଅଟକି ରହିଲା ନାହିଁ ବରଂ ସେହି ହତଭାଗ୍ୟଜଣକ ଆରବର ଅନ୍ୟ ସମ୍ପ୍ରଦାୟମାନଙ୍କ ଆଡ଼କୁ ମୁହାଁଇଲା ଏବଂ ପୁନଶ୍ଚ ପରେ ପ୍ରତ୍ୟେକ ସମ୍ପ୍ରଦାୟକୁ ଘୁରିବୁଲି ମୁସଲମାନମାନଙ୍କ ବିରୋଧରେ ଲୋକମାନଙ୍କୁ ଉସୁକାଇବାକୁ ଲାଗିଲା । ପୁନଶ୍ଚ ମକ୍କାକୁ ଆସି ପୁଣି ନିଜର ଇସ୍‌ଲାମ୍ ବିରୋଧି ଗତିବିଧିକୁ ଜାରି ରଖିଲା । ଅଣମୁସଲମାନମାନଙ୍କ ମଧ୍ୟରେ ନିଜର ଉତେଜନା ମୂଳକ କବିତା ଏବଂ ଅଭିଭାଷଣ ଉପସ୍ଥାପନ କରି ବିଶେଷ କରି ୟହୁଦୀମାନଙ୍କ ଆଗରେ ମୁସଲମାନ ମହିଳାମାନଙ୍କ ବିଷୟରେ ଅଶ୍ଳୀଳ ଢ଼ଙ୍ଗରେ କବିତା କହି କେବଳ ବିରୋଧିଙ୍କ ମନରେ ଅଗ୍ନୀ ପ୍ରଜ୍ୱଳିତ କରୁଥିଲା । ତାହା ନୁହଁ ବରଂ ପରିଶେଷରେ ସେ ଏହା ମଧ୍ୟ ହୀନ ପ୍ରୟାଶ କଲା ଯେ, ହଜୁର ସ:ଆ:ସଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କଲା ଏବଂ ସେଥିଯୋଗୁଁ ହଜୁର ସ:ଆ:ସଙ୍କୁ କୌଣସି ନିମନ୍ତ୍ରଣ ବାହାନାରେ ନିଜ ଘରକୁ ନିମନ୍ତ୍ରିତ କରୁଥିଲା ଏବଂ କେତେକ ୟହୁଦୀ ଯୁବକଙ୍କ ସାହାଯ୍ୟ ନେଇ ଆପଣଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚିଥିଲା । ଉକ୍ତ ଷଡ଼ଯନ୍ତ୍ର ସମ୍ପର୍କରେ ପ୍ରଭୁ ହଜୁର ସ:ଆ:ସଙ୍କୁ ଅବଗତ କରିଥିଲେ ଯଦ୍ୱାରା ହଜୁର ତାହାର ଖବର ପାଇ ସେଠାରୁ ଚାଲିଆସିଥିଲେ ଓ ତାହାର ଷଡ଼ଯନ୍ତ୍ରଟି ସଫଳ ହୋଇପାରିନଥିଲା । ଯେତେବେଳେ ତା ବିରୋଧରେ ସର୍ତଭଙ୍ଗ କରିବାର ରାଜଦ୍ରୋହ, ବିଦ୍ରୋହ ଯୁଦ୍ଧ ପାଇଁ ଆହ୍ୱାନ ଦେବା, ଉପଦ୍ରବ ସୃଷ୍ଟି କରିବା, ଅଶ୍ଳୀଳ ବାର୍ତାଳାପ ଏବଂ ହତ୍ୟାଭଳି ଷଡ଼ଯନ୍ତ୍ରର ଦୋଷ ସାବ୍ୟସ୍ତ ହେଲା ସେତେବେଳେ ହଜୁର ସ:ଆ:ସ ଯିଏ କି ଜାତୀୟ ସ୍ତରିୟ ସର୍ତ ଅନୁଯାୟୀ ହଜୁର ସ:ଆ:ସ ମଦିନା ଆଗମନପରେ ମଦିନାବାସୀଙ୍କର ତଥା ମଦିନା ଗଣରାଜ୍ୟର ରାଷ୍ଟ୍ରପତି ତଥା ସର୍ବୋଚ୍ଚ ଶାସକ ଥିଲେ, ସେ ଏହି ନିଷ୍ପତି ଦେଲେ ଯେ, କାଆବ୍ ବିନ୍ ଅସ୍‌ରଫ୍ ନିଜର କୁଯୋଜନା ଯୋଗୁଁ ନୀହତ ଯୋଗ୍ୟ ଏବଂ ନିଜର କେତେକେ ସାହାବାମାନଙ୍କୁ ହଜୁର ଆଦେଶ ମଧ୍ୟ ଦେଲେ ଯେ ତାହାର ବଧ କର । କେତେକ ପରିସ୍ଥିତିକୁ ଦୃଷ୍ଟିରେ ରଖି ହଜୁର ସ:ଆ:ସ ଏହି ଆଦେଶ ଦେଇଥିଲେ ଯେ କାଆବ୍ ବିନ୍ ଅସ୍‌ରଫ୍‌କୁ ସାମୁହିକ ରୂପେ ବନ୍ଧ ନ କରାଯାଇ ବରଂ କେତେକ ଲୋକ ଗୁପ୍ତ ଓ ନୀରବତାର ସହ ଉଚିତ ସମୟ ଓ ସୁଯୋଗ ଦେଖି ତାହାର ବନ୍ଧ କରିଦିଅନ୍ତୁ । ସୁତରାଂ ଉକ୍ତ ଦାୟିତ୍ୱ ହଜୁର ସ:ଆ:ସ ଓ୍ୱସ୍ ସମ୍ପ୍ରଦାୟର ଜଣେ ନୈଷ୍ଠିକ ସାହାବି ମହମ୍ମଦ ବିନ୍ ମୁସ୍‌ଲିମାଙ୍କୁ ଦେଇଥିଲେ ଏବଂ ତାଙ୍କୁ ତାଗିଦ୍ କରିଥିଲେ ଯେ ତୁମେ ଯେ କୌଣସି ଉପାୟ ଅବଲମ୍ବନ କରି ଓ୍ୱସ୍ ସମ୍ପ୍ରଦାୟର ଦଳପତି ସାଆଦ୍ ବିନ୍ ମାଆଜ୍ ର:ଅଙ୍କ ସହ ନିଶ୍ଚୟ ପରାମର୍ଶ କର । ସୁତରାଂ ମହମ୍ମଦ ବିନ୍ ମୁସ୍‌ଲିମ୍ ସାଆଦ୍ ବିନ୍ ମାଆଜ୍‌ଙ୍କ ସହ ପରାମର୍ଶ କରି ଅବୁ ନାଏଲା ଓ ଅନ୍ୟ ଦୁଇ ତିନିଜଣ ସାହାବାଙ୍କୁ ସାଥିରେ ନେଇ କାଆବ୍‌ର ବନ୍ଧ କରିବାକୁ ବାହାରିଥିଲେ । ଯେପରି ମୁଁ ପୂର୍ବେ କହିସାରିଛି ତାହାର ବନ୍ଧ ସଂକ୍ରାନ୍ତରେ ଯେଉଁସବୁ ଉପାୟ ଅବଲମ୍ବନ କରାଯାଇଥିଲା ତାହାର ଆଲୋଚନା ମଧ୍ୟ ମୁଁ ବିଗତ ଖୁତ୍‌ବାରେ କରିସାରିଛି ।

***(ଖୁତ୍‌ବା ଜୁମା ୭ ଡ଼ିସେମ୍ବର ୨୦୧୮, ଖୁତ୍‌ବା ଜୁମା ୭ ଫେବୃୟାରୀ ୨୦୨୦)***

ସେ ଯାହା ହେଉ ନା କାହିଁକି ତାହାର ହତ୍ୟା ସଂକ୍ରାନ୍ତରେ ଯେଉଁ ରଣନୀତି ଅବଲମ୍ବନ କରାଯାଇଥିଲା ତଦାନୁଯାୟୀ ତାକୁ ରାତ୍ରକାଳୀନ ଘରୁ ବାହାରକୁ ନିଆଯାଇ ବନ୍ଧ କରାଯାଇଥିଲା । ଯେତେବେଳେ ତା'ର ବନ୍ଧ ସମ୍ପର୍କୀତ ଖବର ପ୍ରଚାର ପ୍ରସାର ହେଲା ସେତେବେଳେ ସକାଳ ପ୍ରହରରେ ସହରଟି ସ୍ତବ୍ଧ ହୋଇଯାଇଥିଲା ଏବଂ ୟହୁଦୀମାନେ ଉତେଜିତ ହୋଇ ଉଠିଥିଲେ ଏବଂ ପରବର୍ତୀ ଦିନ ସକାଳେ ୟହୁଦୀମାନଙ୍କର ଏକ ପ୍ରତିନିଧିଦଳ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଏହି ଅଭିଯୋଗ କଲେ ଯେ, ଆମମାନଙ୍କର ଦଳପତି କାଆବ୍ ବିନ୍ ଅସ୍‌ରଫ୍‌ଙ୍କୁ ଏହିଭଳି ନିର୍ମମ ଭାବରେ ହତ୍ୟା କରାଯାଇଛି । ହଜୁର ସ:ଆ:ସ ସେମାନଙ୍କର ସମସ୍ତ କଥା ଶୁଣିବାପରେ କହିଲେ, କଣ ତୁମମାନଙ୍କୁ ଜଣାନାହିଁ ଯେ ସେ କେଉଁ କେଉଁ ଦୋଷରେ ସମ୍ପୃକ୍ତ ଥିଲା ଯଦି ତାହାର ସଂହାର ହୋଇଛି ତେବେ ତାହା କିଛି ଅନ୍ୟାୟ ହୋଇନାହିଁ । ବରଂ ତାହା ପାପକର୍ମ ହିଁ ତାକୁ ଏପରି ଶାସ୍ତି ମିଳିଛି । ସୁତରାଂ ମୋଟାମୋଟି ଭାବରେ ହଜୁର ସ:ଆ:ସ କାଆବ୍ ବିନ୍ ଅସ୍‌ରଫ୍‌ର ଅବଗୁଣଗୁଡ଼ିକ ଗୋଟି ଗୋଟି କରି ୟହୁଦୀମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ ଏବଂ ସେମାନଙ୍କୁ ସ୍ମରଣ କରାଇଥିଲେ ଯେ କାଆବ୍ ଜଣେ ସର୍ତଭଙ୍ଗକାରୀ ଓ ଯୁଦ୍ଧ ନିମନ୍ତେ ଉସୁକାଇବା, ଉପଦ୍ରବ ସୃଷ୍ଟି କରିବା, ଅଶ୍ଳୀଳ କଥନ କରିବା, ହତ୍ୟାର ଷଡ଼ଯନ୍ତ୍ର ରଚିବା ପରି ସଙ୍ଗୀନ ଅଭିଯୋଗରେ ଜଡ଼ିତ ଥିଲା । ତେଣୁ କାଆବ୍ ବିନ୍ ଅସ୍‌ରଫ୍‌ର ଉକ୍ତ ଅବଗୁଣଗୁଡ଼ିକୁ ଶୁଣି ୟହୁଦୀମାନେ ଭୟଭୀତ ହୋଇ ନୀରବ ହୋଇଗଲେ । ସେମାନେ ସମସ୍ତେ ଏହା ଜାଣିଥିଲେ ଯେ ସେ ହିଁ ଏହି ସବୁ ପାପରେ ଲିପ୍ତ ରହିଥିଲା । ଏହାପରେ ହଜୁର ସ:ଆ:ସ ସେମାନଙ୍କୁ କହିଲେ ତୁମମାନଙ୍କ ପକ୍ଷରେ ଏହା ଉଚିତ ହେବ ଯେ, ତୁମେମାନେ ଆଗାମି ଭବିଷ୍ୟତ ପାଇଁ ଶାନ୍ତି ଓ ସହଯୋଗ ସହିତ ରୁହ, ଶତୃତା ଓ ଉପଦ୍ରବମୂଳକ କାର୍ଯ୍ୟରୁ ନିବୃତ ରୁହ । ସୁତରାଂ ୟହୁଦୀମାନଙ୍କର ସହିତ ଆଗାମି ଭବିଷ୍ୟତପାଇଁ ଏକ ନୁତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା ଏବଂ ୟହୁଦୀମାନେ ମୁସଲମାନମାନଙ୍କ ସହିତ ଶାନ୍ତି ଓ ସୌହାର୍ଦ୍ଦ୍ୟ ସହିତ ଜୀବନଯାପନ କରିବାପାଇଁ ଏବଂ ଉପଦ୍ରବ ତଥା କଳହ ଆଦିରୁ ନିବୃତ ରହିବାପାଇଁ ନୂତନରୂପେ ପ୍ରତିଶୃତି କରିଥିଲେ । ଇତିହାସରେ କୌଣସି ସ୍ଥାନରେ ମଧ୍ୟ ଉଲ୍ଲେଖ ନାହିଁ ଯେ, ଏହାପରେ ୟହୁଦୀମାନେ କେବେ କାଆବ୍ ବିନ୍ ଅସ୍‌ରଫ୍‌ର ହତ୍ୟା ବିଷୟରେ ଚର୍ଚ୍ଚା କରି ମୁସଲମାନମାନଙ୍କ ଉପରେ ଦୋଷ ଲଦାଇଥିବେ । କାରଣ ସେମାନେ ଏହା ହୃଦୟଙ୍ଗମ କରିପାରିଥିଲେ ଯେ, କାଆବ୍ ନିଜର କୁକର୍ମ ଯୋଗୁଁ ଶାସ୍ତିର ଅଧିକାରି ହୋଇଛି । ***(ସିରତ୍ ଖାତ୍‌ମୁନ୍ ନବିୟିନ୍....... ପୃ-୪୬୭-୪୭୧)***

ସୁତରାଂ ଏହା ହିଁ ସେହି ଶାସ୍ତି ଯାହାକି କାଆବ୍ ବିନ୍ ଅସ୍‌ରଫ୍‌କୁ ଦିଆଯାଇଥିଲା ଯାହାର ହଜୁର ସ:ଆ:ସ ମଧ୍ୟ ଖଣ୍ଡନ କରିନାହାନ୍ତି ତଥା ଏକଥା ମଧ୍ୟ କହିନାହାନ୍ତି ଯେ ଆମେ ତାକୁ ହତ୍ୟାକରିନାହୁଁ କିମ୍ବା ଆମେମାନେ ଜାଣିନାହୁଁ ବୋଲି ବରଂ ହଜୁର ସ:ଆ:ସ ସବୁକିଛି କହିଥିଲେ, ଉକ୍ତ ନିଷ୍ପତିକୁ ପ୍ରକାଶ୍ୟରୂପେ ଦେଖିବାକୁ ଗଲେ ଜ୍ଞାତ ହେଉଛି ଯେ ହଜୁର ସ:ଆ:ସ ମଦିନା ରାଜ୍ୟର ଶାସକ ଥିଲେ ଓ ଦଳପତି ମଧ୍ୟ ଥିଲେ । ହଜୁର ସ:ଆ:ସଙ୍କ ରାୟ ସହିତ ମଦିନାର ଦୁଇ ସର୍ଦ୍ଦାରଙ୍କର ସହମତି ମଧ୍ୟ ସାମିଲ ଥିଲା ଯେପରି ସାଆଦ୍ ବିନ୍ ମାଆଜ୍ ଆଦି ।

ୟହୁଦୀ ସମ୍ପ୍ରଦାୟର ବନୁ ନଜିର୍ ହଜୁର ସ:ଆ:ସଙ୍କ ଉପରେ ଛଳନାପୂର୍ବକ ଏକ ପଥର ପକାଇ ହଜୁର ସ:ଆ:ସଙ୍କୁ ମାରିବାକୁ ଅର୍ଥାତ ହତ୍ୟା କରିବାକୁ ଉଦ୍ୟମ କରିଥିଲେ ।

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family,*
*Jamat Ahmadiyya, Pankal (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କୁ ଉକ୍ତ ଷଡ଼୍‌ଯନ୍ତ୍ର ସମ୍ପର୍କରେ ପୂର୍ବରୁ ସୁଚିତ କରିଥିଲେ । ହଜୁର ନିଜ ସାହାବଙ୍କ ସହିତ ଉକ୍ତ ସମ୍ପ୍ରଦାୟ ଆଡ଼କୁ ଯାଇଥିଲେ କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ହଜୁର ଶିଘ୍ର ମଦିନାକୁ ଫେରି ଆସିଥିଲେ ଏବଂ ସାହାବାଙ୍କୁ ଆଦେଶ ଦେଲେ ଯେ, ଉକ୍ତ ସମ୍ପ୍ରଦାୟର ଘେରାଉ କରାଯାଉ । ରବିଉଲ୍ ଅୱ୍ୱଲ୍ ହିଜ୍‌ରୀରେ ହଜୁର ସ:ଆ:ସ ଆତ୍ମରକ୍ଷା କରିବାକୁ ଯାଇ ବାଧତାପୂର୍ବକ ବନୁ ନୁଜୈର୍ ସମ୍ପ୍ରଦାୟ ବିରୋଧରେ ସୈନ୍ୟ ମୁତୟନ କରିଥିଲେ । ପରିଶେଷରେ ଉକ୍ତ ସମ୍ପ୍ରଦାୟଟି ମଦିନାରୁ ନିର୍ବାସିତ ହୋଇଥିଲା ଯେତେବେଳେ ହଜୁର ସ:ଆ:ସ ବନୁ ନଜିର୍ ସମ୍ପ୍ରଦାୟର ମାଲେ ଗନିମତ ମିଳିଲା ସେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ସାବିତ୍ ବିନ୍ କୈସ୍ ର:ଅଙ୍କୁ ଡ଼କାଇ ପଠାଇଥିଲେ ଯେ ମୋ ପାଇଁ ନିଜ ସମ୍ପ୍ରଦାୟକୁ ଉପସ୍ଥିତ କର । ହଜ୍‌ରତ୍ ସାବିତ୍ ବିନ୍ କୈସ୍ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! କଣ ଖଜ୍‌ରଜ୍ ସମ୍ପ୍ରଦାୟକୁ ଡ଼ାକିବି, ଉତର ମିଳିଲା ଯେ, ଯେ କୌଣସି ସମ୍ପ୍ରଦାୟର ବ୍ୟକ୍ତି ହୁଅନ୍ତୁ ପଛେ ସମସ୍ତ ଅନ୍‌ସାରମାନଙ୍କୁ ହାଜର କରାଅ । ସୁତରାଂ ସେ ଓ୍ୱସ୍ ଓ ଖଜ୍‌ରଜ୍ ସମ୍ପ୍ରଦାୟକୁ ଉପସ୍ଥିତ କରାଇଥିଲେ । ହଜୁର ସ:ଆ:ସ ସେମାନଙ୍କୁ ସମ୍ବୋଧନ କରି ପ୍ରଥମେ ଅଲ୍ଲାଃଙ୍କର ମହିମାଗାନ କରିଥିଲେ ପୁନଶ୍ଚ ଅନ୍‌ସାରମାନଙ୍କ ଦ୍ୱାରା ମୁହାଜିର୍‌ମାନଙ୍କ ଉପରେ କରାଯାଇଥିବା ଉପକାରକୁ ଅର୍ଥାତ ସେମାନେ ଯେଉଁ ଭଳି ନିଜ ଘରେ ମୁହାଜିର୍‌ମାନଙ୍କୁ ଆଶ୍ରୟ ଦେଇଥିଲେ, ନିଜ ଧନଜୀବନ ଉପରେ ପ୍ରବାସକାରୀଙ୍କୁ ଅଗ୍ରାଧିକାର ଦେଇଥିଲେ ତାହାର ଚର୍ଚ୍ଚା କରି କହିଲେ, କେଉଁଭଳି ଭାବରେ ଅନ୍‌ସାରମାନେ ପ୍ରବାସୀଙ୍କ ଉପରେ ଉପକାର କରିଛନ୍ତି ତେଣୁ ପରିଣାମ ସ୍ୱରୁପ ଯଦି ତୁମେମାନେ ପସନ୍ଦ କରିବ ତେବେ, ମୁଁ ବନୁ ନଜିର୍ ସମ୍ପ୍ରଦାୟରୁ ପ୍ରାପ୍ତ ହୋଇଥିବା ଧନରତ୍ନକୁ ତୁମମାନଙ୍କ ମଧ୍ୟରେ ଏବଂ ମୁହାଜିର୍‌ମାନଙ୍କ ମଧ୍ୟରେ ବାଂଟିଦେବି । କିନ୍ତୁ ମନେରଖ ପ୍ରବାସୀକାରୀମାନେ ପୂର୍ବପରି ତୁମମାନଙ୍କ ଘର ଓ ସମ୍ପତିରେ ଅଂଶିଦାର ହେବେନାହିଁ । ଅତଏବ ଯେଉଁ ଧନରତ୍ନ ପ୍ରାପ୍ତ ହୋଇଛି ତାହାକୁ ଅଧାଅଧା ବାଂଟିଦିଅ ଅଥବା ଯଦି ତୁମେ ପସନ୍ଦ କର ତେବେ ଉକ୍ତ ସମ୍ପତିକୁ ମୁଁ ପ୍ରାବସକାରୀଙ୍କ ମଧ୍ୟରେ ବାଂଟିଦେବି ଏବଂ ଅନ୍‌ସାରଙ୍କୁ କିଛି ମିଳିବ ନାହିଁ । ଫଳତଃ ସେମାନେ ତୁମର ଘରୁ ବାହାରିଯିବେ ଏବଂ ସେମାନେ ନିଜ ନିଜର ସ୍ୱବ୍ୟବସ୍ଥା କରିବେ କାରଣ ବର୍ତମାନ ସେମାନଙ୍କୁ ଧନପ୍ରାପ୍ତ ହୋଇଯାଇଛି । ପ୍ରତିଉତରରେ ହଜ୍‌ରତ୍ ସାଆଦ୍ ବିନ୍ ଉବାଦା ଓ ସାଆଦ୍ ବିନ୍ ମୁଆଜ୍ ର:ଅ ପରସ୍ପର ସହ ପରାମର୍ଶ କରି କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଆପଣ ଉକ୍ତ ଧନରତ୍ନକୁ ପ୍ରବାସକାରୀଙ୍କ ମଧ୍ୟରେ ବାଂଟିଦିଅନ୍ତୁ । ତତ୍‌ସହିତ ସେମାନେ ଏହା ମଧ୍ୟ କହିଲେ ଆମମାନଙ୍କ ସହିତ ପୂର୍ବପରି ସେମାନେ ଅର୍ଥାତ ପ୍ରବାସକାରୀମାନେ ରୁହନ୍ତୁ ଆମେମାନେ ଏହା ଚାହୁଁନାହୁଁ ଯେ ସେମାନେ ଧନରତ୍ନ ପାଇବାପରେ ଆମଠାରୁ ଦୁରେଇ ଯାଆନ୍ତୁ । ଏଯାବଦ୍ ସେମାନେ ଯେଉଁଭଳି ଆମମାନଙ୍କ ଘରେ ରହିଆସୁଥିଲେ ଆଗକୁ ମଧ୍ୟ ରହିବେ ଏବଂ ଆମମାନଙ୍କ ସହିତ ସେମାନଙ୍କର ସମ୍ପର୍କ ସେହିଭଳି ଅତୁଟ ରହିବ । ଅନ୍‌ସାରମାନେ କହିଲେ ହେ ରସୁଲୁଲ୍ଲାଃ ସ:ଆ:ସ ଆମେମାନେ ଜାଣିଅଛୁ ଏବଂ ଆମମାନଙ୍କର ମନମସ୍ତକ ଆପଣମାନଙ୍କ ଆଗରେ ଆନତ ହେଉ । ଯଦି ଆପଣ ସମସ୍ତ ଧନରତ୍ନ ପ୍ରବାସକାରୀଙ୍କ ମଧ୍ୟରେ ବାଂଟିଦିଅନ୍ତି ତେବେ ଆମମାନଙ୍କର ଏଥିରେ କୌଣସି ଆପତି ହେବନାହିଁ । ସୁତରାଂ ହଜୁର ସ:ଆ:ସ ସମସ୍ତ ଧନରତ୍ନ ପ୍ରବାସକାରୀଙ୍କ ମଧ୍ୟରେ ବାଂଟିଦେଇଥିଲେ ଓ ଅନ୍‌ସାରମାନଙ୍କ ମଧ୍ୟରୁ ଦୁଇଜଣ ବ୍ୟକ୍ତି ସହଲ୍ ବିନ୍ ହୁନୈଫ୍ ଓ ଅବୁ ଦୁଜାନାଙ୍କ ବ୍ୟତିତ ଅନ୍ୟ କାହାରିକୁ ସେଥିରୁ ଭାଗ ମିଳିନଥିଲା । ସୁତରାଂ ହଜୁର ସ:ଆ:ସ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କୁ ଇବ୍‌ନେ ଅବି ହକିକ୍ ୟହୁଦୀର ଖଡ୍ଗ ପ୍ରଦାନ କରିଥିଲେ ଏବଂ ଉକ୍ତ ଖଡ୍ଗଗଟିର ପ୍ରସିଦ୍ଧି ୟହୁଦୀମାନଙ୍କ ମଧ୍ୟରେ ଥିଲା । ପୁନଶ୍ଚ ହଜୁର ସ:ଆ:ସ ଅନ୍ୟ ଏକ ଖଡ୍ଗ ହଜ୍‌ରତ୍ ମୁଆଜ୍ ର:ଅଙ୍କୁ ପ୍ରଦାନ କରିଥିଲେ । ***(ଇଟ୍‌ଲିସ୍ ସିରତ ନବଓ୍ୱି ସ:ଆ:ସ ପୃ-୨୬୪-୨୬୫) (ସୁବୁଲୁଲ୍ ହୁଦା, ଖଣ୍ଡ-୪, ପୃ-୩୨୫.......ବେରୁତ ୧୯୯୩)***

ଯେତେବେଳେ ଅଫ୍‌କର ଘଟଣା ଘଟିଥିଲା ଏବଂ ହଜ୍‌ରତ୍ ଆଇଶା ର:ଅଙ୍କ ଉପରେ ଲାଞ୍ଛନା ଲଗାଯାଇଥିଲା । ତଥା ହଜୁର ସ:ଆ:ସଙ୍କ ବଂଶଧରକୁ ଅତ୍ୟନ୍ତ ଦୁଃଖକଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥିଲା ଏବଂ ଏକ ସ୍ଥଳେ ହଜୁର ସ:ଆ:ସ ନିଜ ସାହାବାମାନଙ୍କ ଆଗରେ କପଟିମାନଙ୍କର ସେହି ଅସାଦାଚରଣର ସମ୍ପର୍କରେ ଚର୍ଚ୍ଚା କରିଥିଲେ । ସେତେବେଳେ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ସର୍ବୋଚ୍ଚ ଆତ୍ମସର୍ଗମୂଳକ ବଳିଦାନ ପ୍ରଦର୍ଶନ କରିଥିଲେ ।

ଉକ୍ତ ଘଟଣାଟି ଅତ୍ୟନ୍ତ ବିସ୍ତୃତଭାବରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରିଛନ୍ତି ଯାହାକି ଜଣେ ସାହାବି ମିସ୍‌ତହ୍ ର:ଅଙ୍କର ଚର୍ଚ୍ଚାରେ ମଧ୍ୟ ମୁଁ ବିସ୍ତୃତଭାବେର ଆଲୋଚନା କରିସାରିଛି । ଅତଏବ ହଜ୍‌ରତ୍ ସାଆଦ୍ ର:ଅ ସମ୍ପର୍କୀତ କିଛି ଅଂଶ ଏଠାରେ ବର୍ଣ୍ଣନା କରିଦେଉଛି ଯେପରି କି ମୁଁ କହିଲି ଯେ, ଦିନେ ହଜୁର ସ:ଆ:ସ ଘରୁ ବାହାରକୁ ବାହାରିଲେ ସାହାବାମାନଙ୍କୁ ଏକତ୍ରିତ କଲେ ଏବଂ କହିଲେ ତୁମମାନଙ୍କ ମଧ୍ୟରେ ଏଭଳି କୌଣସି ବ୍ୟକ୍ତି ଅଛନ୍ତି କି ଯିଏ, ମୋତେ ସେହି ବ୍ୟକ୍ତିଠାରୁ ସୁରକ୍ଷା ପ୍ରଦାନ କରିବ ଯିଏ ମତେ ବହୁତ କଷ୍ଟ ଦେଇଛି । ହଜୁର ସ:ଆ:ସ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍‌ଠାରୁ ସୁରକ୍ଷା ଚାହୁଁଥିବାର କଥା ଏଠାରେ କହିଛନ୍ତି । ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ଯିଏ କି ଓ୍ୱସ୍ ସମ୍ପ୍ରଦାୟର ଦଳପତି ଥିଲେ । ସେ ଛିଡ଼ା ହେଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ଯଦି ଉକ୍ତ ବ୍ୟକ୍ତି ଜଣକ ଆମମାନଙ୍କ ମଧ୍ୟରୁ ଥାଏ ତେବେ ଆମେମାନେ ତାକୁ ମାରିଦେବୁ ଏବଂ ଏଥିପାଇଁ ଆମେ ପ୍ରସ୍ତୁତ ଅଛୁ । ଯଦି ସେହି ବ୍ୟକ୍ତି ଜଣଙ୍କ ଖଜ୍‌ରଜ୍ ସମ୍ପ୍ରଦାୟରୁ ଥାଏ ତେବେ ସୁଦ୍ଧା ଆମେ ତାହାକୁ ହତ୍ୟାକରିବା ପାଇଁ ପ୍ରସ୍ତୁତ ଅଛୁ । ***(ତଫ୍‌ସିର୍ କବୀର୍ ଖଣ୍ଡ-୬, ପୃ-୨୬୮-୨୭୦)***

ଖନ୍ଦକ ଯୁଦ୍ଧ ବେଳେ ଅବୁ ସୁଫିୟାନ୍ ବନୁ ନଜିର୍ ସମ୍ପ୍ରଦାୟର ଦଳପତି ହୁଇଙ୍କୁ ବନୁ କୁରୈଜାର ଦଳପତି କାଆବ୍ ବିନ୍ ଅସଓ୍ୱଦ୍ ନିକଟକୁ ପ୍ରେରଣ କରିଥିଲେ ଯେ ମୁସଲମାନମାନଙ୍କ ସହିତ ହୋଇଥିବା ଚୁକ୍ତିକୁ ଭଙ୍ଗ କରିଦିଅ ଯେତେବେଳେ ସେ ସହମତି ପ୍ରକାଶ କଲେ ନାହିଁ ସେତେବେଳେ ତାକୁ ସବୁଜ ଉଦ୍ୟାନର ଲୋଭ ଦେଖାଇ ମୁସଲମାନମାନଙ୍କ ବିନାଶର ପ୍ରତିଶୃତି ଦେଇ ମୁସଲମାନମାନଙ୍କ ସହିତ ହୋଇଥିବା ଚୁକ୍ତି ଉପରେ କାର୍ଯ୍ୟାନୁସରଣ ନ କରିବାପାଇଁ ଉତ୍ସାହିତ କରିଥିଲେ ବରଂ ଉକ୍ତ କଥା ଉପରେ ତାକୁ ରାଜି କରାଇଥିଲେ ଯେ ମକ୍କାର ଅବିଶ୍ୱାସକାରୀଙ୍କୁ ସେ ସାହାଯ୍ୟ ସହଯୋଗ କରୁ ।

ଉକ୍ତ ଘଟଣାର ଚର୍ଚ୍ଚା କରି ସିରତ୍ ଖାତ୍‌ମୁନ୍ ନବିୟିନ୍‌ରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଉଲ୍ଲେଖ କରିଛନ୍ତି । ଯେତେବେଳେ ହଜୁର ସ:ଆ:ସ ବନୁ କୁରୈଜାର ବିପଦପୂର୍ଣ୍ଣ ବିଶ୍ୱାସଘାତକତା ସମ୍ପର୍କରେ ଅବଗତ ହେଲେ ସେତେବେଳେ ହଜୁର ସ:ଆ:ସ ଗୁପ୍ତଭାବରେ ଜୁବୈର୍ ବିନ୍ ଅଲଅଓ୍ୱାମ୍ ର:ଅଙ୍କୁ ପରିସ୍ଥିତି ଅନୁଧ୍ୟାନ କରିବାକୁ ପ୍ରେରଣ କରିଥିଲେ ଏବଂ ପୁନଶ୍ଚ ନିୟମ ଅନୁସାରେ ଓ୍ୱସ୍ ସମ୍ପ୍ରଦାୟର ଦଳପତି ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ଓ ସାଆଦ୍ ବିନ୍ ଉବାଦାଃ ଓ ଅନ୍ୟକେତେକ ପ୍ରଭାବଶାଳୀ ସାହାବାମାନଙ୍କର ଏକ ପ୍ରତିନିଧିଦଳ ସ୍ୱରୁପ ବନୁ କୁରୈଜାଃ ଆଡ଼କୁ ପ୍ରେରଣ କରିଥିଲେ ଏବଂ ସେମାନଙ୍କୁ ଏହି ତାଗିଦ୍ କରିଥିଲେ ଯେ ଯଦି କୌଣସି ଗମ୍ଭୀର ପରିସ୍ଥିତି କିମ୍ବା ସର୍ତକ ସୁଚକ ଖବର ମିଳେ ତେବେ ସେଠାରୁ ଫେରି ତାହାର ପରିପ୍ରକାଶ କରିବ ବରଂ ଇଙ୍ଗିତର ପରସ୍ପର ମଧ୍ୟରେ ତାହାର ପରିପ୍ରକାଶ କରିବନାହିଁ ବରଂ ଇଙ୍ଗିତର ସାହାଯ୍ୟରେ ତାହାର ବ୍ୟାଖ୍ୟା କରିବ । କାରଣ ଲୋକମାନଙ୍କ ମଧ୍ୟରେ ଶଙ୍କା ଓ ସଂଶୟ ସୃଷ୍ଟି ନ ହୋଇଯାଉ । ଯେତେବେଳେ ଏହି ଲୋକମାନେ ବନୁ କୁରୈଜାର ଅଂଚଳରେ ପହଂଚିଲେ ଓ କାଆବ୍ ବିନ୍ ଅସଦ୍ ନିକଟକୁ ଗଲେ ସେତେବେଳେ ସେହି ହତଭାଗ୍ୟ କାଆବ୍ ଏମାନଙ୍କୁ ଅହଂଙ୍କାର ପୂର୍ଣ୍ଣ ଢ଼ଙ୍ଗରେ ସାକ୍ଷାତ କଲା । ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ଓ ସାଆଦ୍ ବିନ୍ ଉବାଦାଃ ର:ଅଙ୍କ ଆଡୁ ଚୁକ୍ତି ସମ୍ବନ୍ଧରେ ଆଲୋଚନା ହେବାରୁ ସେ ଓ ତା'ର ସମ୍ପ୍ରଦାୟର ଲୋକମାନେ ଉକ୍ଷିପ୍ତ ହୋଇଉଠିଲେ ଏବଂ କହିଲେ ଯାଅ ମୁହମ୍ମଦ ସ:ଆ:ସ ଓ ଆମ ମଧ୍ୟରେ କୌଣସି ଚୁକ୍ତି ସ୍ୱାକ୍ଷର ହୋଇନାହିଁ । ଆମେ କୌଣସି ଚୁକ୍ତି କରିନାହୁଁ ଉକ୍ତ ଶବ୍ଦ ଶୁଣି ସାହାବାମାନଙ୍କର ପ୍ରତିନିଧି ମଣ୍ଡଳ ଉଠି ସେଠାରୁ ଚାଲିଆସିଲା ଓ ସାଆଦ୍ ବିନ୍ ମୁଆଜ୍ ଓ ସାଆଦ୍ ବିନ୍ ଉବାଦାଃ ର:ଅ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ସେ ସମସ୍ତ ଘଟଣାର ବୃତାନ୍ତ କରିଥିଲେ ।

ସେ ଯାହା ହେଉ ନା କାହିଁକି ସେତେବେଳେ ତ ଅବିଶ୍ୱାସକାରୀମାନଙ୍କର ଏହି ଆଚରଣ ମୁସଲମାନମାନଙ୍କ ପାଇଁ ଅତ୍ୟନ୍ତ ଆଘାତପୂର୍ଣ୍ଣ ଥିଲା ଚାରିଆଡ଼େ ମକ୍କାର କୁଫାର ଅର୍ଥାତ ଅବିଶ୍ୱାସୀଗଣ ମଦିନାକୁ ଘେରି ରହିଥିଲେ । ମକ୍କାର ଅବିଶ୍ୱାସକାରୀମାନଙ୍କ ସହିତ ଯୁଦ୍ଧଭଳି ପରିସ୍ଥିତି ଦେଖାଯିବା ଯୋଗୁଁ ସେହି କବିଲା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇ ପାରୁନଥିଲା । କିନ୍ତୁ ଯୁଦ୍ଧର ପରିସମାପ୍ତି ପରେ ଯେତେବେଳେ ମୁସଲମାନମାନେ ସହରକୁ ଅର୍ଥାତ ମଦିନାରକୁ ପ୍ରତ୍ୟାବର୍ତନ କଲେ ସେତେବେଳେ ହଜୁର ସ:ଆ:ସ ତନ୍ଦ୍ରାବସ୍ଥାରେ ବୁନ କୁରୈଜାର ବିଶ୍ୱାସଘାତକତା ଓ ବିଦ୍ରୋହ ସମ୍ପର୍କରେ ଅଲ୍ଲାଃ ତାଲା ଆପଣଙ୍କୁ ସୁଚିତ କଲେ । ଅଲ୍ଲାଃଙ୍କ ତରଫରୁ ହଜୁର ସ:ଆ:ସଙ୍କୁ ଏହି ଆଦେଶ ମିଳିଲା ଯେ, ସେମାନଙ୍କୁ ଶାସ୍ତି ମିଳିବା ଉଚିତ ସୁତରାଂ ହଜୁର ସ:ଆ:ସ ସର୍ବସାଧାରଣ ମଧ୍ୟରେ ଘୋଷଣା କଲେ ଯେ, ବନୁ କୁରୈଜା ସମ୍ପ୍ରଦାୟର ଦୁର୍ଗଆଡ଼କୁ ଅଗ୍ରସର ହୁଅ ଓ ନମାଜେ ଅସର୍ ସେହିଠାରେ ହିଁ ଆମେ ପାଠ କରିବା । ହଜୁର ସ:ଆ:ସ ହଜ୍‌ରତ୍ ଅଲୀ ର:ଅଙ୍କୁ ସାହାବାମାନଙ୍କର ଏକ ସୈନ୍ୟଦଳ ପ୍ରଦାନ କରି ଆଗତୁରା ପ୍ରେରଣ କରିଦେଇଥିଲେ । ଉକ୍ତ ଯୁଦ୍ଧର ବିସ୍ତୃତ ବିବରଣୀ ବହୁତ ଦୀର୍ଘ ଯହିଁରେ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କର ମଧ୍ୟ ପରିଶେଷରେ ନିଷ୍ପତି ନେବାର ଯୋଗଦାନ ରହିଛି ଏଣୁ ଇନ୍‌ଶାଅଲ୍ଲାଃ ତାଲା ଆଗାମୀ ଖୁତ୍‌ବାରେ ଏହାର ବିସ୍ତୃତ ବିବରଣୀ ସମ୍ପର୍କରେ ଆଲୋଚନା କରିବି ।

⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

କଲେ ଯେ, ଯମାତ୍‌ଠାରୁ ଏବଂ ଖିଲାଫତ୍‌ଠାରୁ ଦୂରେଇ ଯାଇ ଆମେ ବହୁତ ବଡ଼ ଭୁଲ୍ କରିଥିଲୁ ତେଣୁ ଆମେ ଏହି ମନୋଭାବକୁ ତ୍ୟାଗ କରୁଅଛୁ । ଏବଂ ସେମାନେ କହିଲେ ଯେ, ଆମ ଦୁଇଜଣଙ୍କୁ ପୂର୍ନବାର ଯମାତ୍‌ର ହ୍ୱାଟ୍‌ସଆପ୍ ଗ୍ରୁପରେ ପ୍ରବେଶ ଦିଆଯାଉ ।

ଗୋଟିଏ ଡଚ୍ ଯୋଡ଼ି, ସ୍ୱାମୀ ସ୍ତ୍ରୀ Fatih ଏବଂ Gisele ଆଜିକାର ଏହି ପ୍ରୋଗ୍ରାମରେ ସାମିଲ ହୋଇଥିଲେ । ସେମାନେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଜଲ୍‌ସାରେ ଯୋଗ ଦେଇଥିବା ସମସ୍ତ ଲୋକେ ବହୁତ ଚରିତ୍ରବାନ ଥିଲେ ଓ ଏଠାରେ ଗୋଟିଏ ବୈକୁଣ୍ଠନୁମା ପରିବେଶ ଥିଲା, ଖଲିଫାଙ୍କ ଭାଷଣ ବହୁତ ପ୍ରଭାବଶାଳୀ ଥିଲା । ଏଠାରେ ଥିବା ଆପଣମାନଙ୍କର ଅନୁବାଦକମାନେ ମଧ୍ୟ ଆମକୁ ବହୁତ ପ୍ରଭାବିତ କରିଛନ୍ତି ସେମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣ ସଙ୍ଗେସଙ୍ଗେ ବହୁତ ବଢ଼ିଆ ଅନୁବାଦ କରୁଥିଲେ ।

ନନ୍‌ସ୍ୱିଟ୍ ସହରର ମେୟର Van Der Weert ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ନନ୍‌ସ୍ୱିଟ୍‌ର ଲୋକମାନଙ୍କ ତରଫରୁ ଏଠାରେ କିଛି ଶବ୍ଦ କହିବାକୁ ମତେ ଆମନ୍ତ୍ରଣ କରାଯାଇଅଛି । ଗତବର୍ଷ ମଧ୍ୟ ମୁଁ ଗୋଟିଏ ପ୍ରୋଗ୍ରାମରେ ଯୋଗ ଦେଇଥିଲି । ଏଥରକ ତ ହଜୁର ସ୍ୱୟମଂ ଏଠାରେ ବିରାଜମାନ ତେଣୁ ଏହି ଦୃଷ୍ଟିକୋଣରୁ ଏହି ପ୍ରୋଗ୍ରାମ ବହୁତ ଗୁରୁତ୍ୱପୂର୍ଣ୍ଣ । ଗତବର୍ଷ ପରି ଏବେ ମଧ୍ୟ ମତେ ଆପଣଙ୍କ ପ୍ରୋଗ୍ରାମରେ ସାମିଲ ହୋଇ ବହୁତ ଭଲ ଲାଗୁଛି ।

ହଜୁର ଅନଓ୍ୱର ଅ:ବ:ଅ ବହୁତ ଉଚ୍ଚ କୋଟୀର ଇଂରାଜୀ ଭାଷାରେ ଭାଷଣ ଦେଲେ ତାହା ମୋ ପରିକା ଲୋକଙ୍କୁ ବୁଝିବାପାଇଁ ବହୁତ କଷ୍ଟକର ଥିଲା । କିନ୍ତୁ ଯାହା କିଛି ମୁଁ ନିଜ ଆଖିରେ ଏଠାରେ ଦେଖିଲି ତାହା ଅବର୍ଣ୍ଣନୀୟ । ଗୋଟିଏ ବଡ଼ ହଲ୍‌ରେ ଲୋକମାନେ ବହୁତ ଧ୍ୟାନ ର ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କ କଥାକୁ ଶୁଣୁଥିଲେ । ଏହା ମୁଁ ନିଜ ଭାଷଣରେ ମଧ୍ୟ କହିଥିଲି, ଆଜିକାଲିର ପରିସ୍ଥିତିରେ ଆମକୁ ଜୀବନକୁ ବୁଝିବାର ଆବଶ୍ୟକତା ରହିଛି ଏଥିରେ କୌଣସି ଫରଗ୍ ପଡୁନାହିଁ ଯେ, କିଏ ଖ୍ରୀଷ୍ଟିୟାନ କିଏ ମୁସଲମାନ । ଆବଶ୍ୟକ ହେଉଛି ଏହା କି, ଆମେ ଆମ ସୃଷ୍ଟିର କାରଣକୁ ଖୋଜିବା ଓ ତାହାକୁ ବୁଝିବା । ଏହିଭଳି ପ୍ରୋଗ୍ରାମରେ ଯୋଗ ଦେଇ ଆମକୁ ଏ ବିଷୟରେ ଜ୍ଞାନ ଆହରଣ ହେଉଅଛି । ନିଜ ଜୀବନର ଉଦ୍ଦେଶ୍ୟକୁ ଜାଣିବାପାଇଁ ଯେଉଁ ବାର୍ତା ଥିଲା ତାହା ଅତ୍ୟନ୍ତ ମୂଲ୍ୟବାନ ବାର୍ତା ।

ଅହେମଦୀୟା ମୁସଲିମ୍ ଯମାତ୍ ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ଭୁମିକା ନିର୍ବାହ କରୁଛି । ମ୍ୟୁନିସିପାଲ୍‌ଟି ଆଡ଼ମିନିଷ୍ଟ୍ରେଟର ହିସାବରେ ଅହେମଦୀମାନଙ୍କ ସହିତ ମୋର ଭଲ ସମ୍ପର୍କ ରହିଛି । ଆମେ ଯେତେବେଳେ ଚାହିଁବୁ ଜଣେ ଅନ୍ୟଜଣଙ୍କ ସହିତ ମିଶିପାରିବୁ ଏବଂ ଏଥିରେ ବହୁତ ଲାଭ ମିଳୁଛି । ଯେବେ ମଧ୍ୟ ଆବଶ୍ୟକ ପଡୁଛି ଆମେ ଜଣେ ଅନ୍ୟଜଣକୁ ଡ଼ାକୁଛୁ । ଆଜିଭଳି ପ୍ରୋଗ୍ରାମରେ ମଧ୍ୟ ମ୍ୟୁନିସିପାଲ୍‌ଟି ସାମିଲ ଅଛି । ଏଠାରେ ଆପଣମାନଙ୍କର ପ୍ରତିନିଧି ଓ ଆମ ପ୍ରତିନିଧି ମିଳିମିଶି ଯୋଜନା କରୁଛନ୍ତି । କିଛିଟା ସାଂସ୍କୃତିକ ଫରକ୍ ରହିଛି ସମୟ ମୁତାବକ ଆମେ ଧିରେ ଧିରେ ଏସବୁ ବୁଝିଗଲୁଣି ଓ ଆମେ ଜଣେ ଅନ୍ୟଜଣକୁ ବହୁତ ଭଲଭାବେ ଚିହ୍ନିଗଲୁଣୁ । ମୁଁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି ଓ ଏ ଆଶା କରୁଛି ଯେ, ଆପଣମାନେ ଆଗକୁ ଏହିଭଳି ପ୍ରୋଗ୍ରାମ କରିବେ ଯଦ୍ୱାରା ମଣିଷ ଜୀବନର ଉଦ୍ଦେଶ୍ୟ ସମ୍ବନ୍ଧରେ ସୃଷ୍ଟି ହେଉଥିବା ପ୍ରଶ୍ନଗୁଡ଼ିକର ଉତର ମିଳିପାରିବ ।

ବେଲ୍‌ଜିୟମ ସହିତ ସମ୍ବନ୍ଧ ରଖିଥିବା ଜଣେ ଅତିଥି Annie Sels ସାହିବା ମଧ୍ୟ ଏହି ପ୍ରୋଗ୍ରାମରେ ସାମିଲ ହୋଇଥିଲେ, ସେ କହିଲେ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣ ଶୁଣିବାପାଇଁ ବେଲ୍‌ଜିୟମ୍‌ରୁ ଏଠାକୁ ଆସିଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ଦେଖିବାପରେ ଓ ଶୁଣିବାପରେ ବହୁତ ଶକ୍ତି ମିଳିଲା । ହଜୁର ଅନଓ୍ୱର ଅ:ବ:ଅ ହେଉଛନ୍ତି ଏ ଧରାପୃଷ୍ଠରେ ସମସ୍ତଙ୍କଠାରୁ ଅଧିକ ଶାନ୍ତିପ୍ରୀୟ ବ୍ୟକ୍ତିବିଶେଷ । ଏତେବଡ଼ ନେତା ହୋଇଥିଲେ ସୁଧା ହଜୁର ବହୁତ ସହଜ ଶବ୍ଦରେ ଲୋକମାନଙ୍କୁ ସେମାନଙ୍କ ମିଜାଜ ମୁତାବକ କଥା ହେଉଥିଲେ ମୋର ଏ ଇଚ୍ଛା ଯେ, ପୃଥିବୀର ଅନ୍ୟାନ୍ୟ ଧର୍ମଗୁରୁମାନେ ମଧ୍ୟ ହଜୁରଙ୍କଠାରୁ ଶିକ୍ଷା ନିଅନ୍ତୁ କାରଣ ଏ ଦୁନିଆ ବହୁତ ଚରମପନ୍ଥୀ ହେଉଅଛି । ଲୋକମାନେ ଜଣେ ଅନ୍ୟଜଣକୁ ନା ତ ବୁଝୁଛନ୍ତି ଓ ନା ଜଣେ ଅନ୍ୟଜଣକ ସହିତ କଥା ହେବାକୁ ଚାହୁଁଛନ୍ତି । ଲୋକମାନେ କେବଳ ସୋଶିଆଲ୍ ମିଡ଼ିଆରୁ ଶିଖିଥିବା ସ୍ଲୋଗାନ ଲଗାଉଛନ୍ତି, ଏହା ଠିକ୍ ନୁହେଁ । ଏହାର ବିପରୀତ ହଜୁର ଯେଉଁଭଳି ଲୋକମାନଙ୍କୁ ବୁଝାଉଛନ୍ତି ତାହା ଅତ୍ୟନ୍ତ ପ୍ରଭାବଶାଳୀ । ମୁଁ ଭାବୁଛି ଯେ, ଆପଣ ପୃଥିବୀର ଅନେକ ନେତାମାନଙ୍କ ପାଇଁ ଅନୁକରଣୀୟ ଦୃଷ୍ଟାନ୍ତ ଅଟନ୍ତି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ବ୍ୟକ୍ତିତ୍ୱ ବହୁତ ଧିର । ଉଚ୍ଚକୋଟୀର ବିନମ୍ର ସ୍ୱଭାବ । ହଜୁର ଏପରି ନୁହନ୍ତି ଯେ, ପାଟିକରି ଜୋର୍‌ରେ ଜୋର୍‌ରେ ବୁଝାଇବେ ବରଂ ତାଙ୍କ କହିବାର ଶୈଳୀ ବହୁତ ହିଁ ନମ୍ର ଓ ମନମୁଗ୍ଧକାରୀ । ଏହା ଅତ୍ୟନ୍ତ ଜରୁରୀ ଅଟେ ।

ଆଉ ଜଣେ ଅତିଥି Dini Harkink ସାହେବ ମଧ୍ୟ ଏହି ପ୍ରୋଗ୍ରାମରେ ସାମିଲ ଥିଲେ, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ମୁଁ ଏଜୁକେସ୍‌ନାଲ୍ ଡ଼ିପାର୍ଟମେଂଟ ସହିତ ଜଡ଼ିତ । ଚାରିବର୍ଷ ପୂର୍ବେ ମୁଁ ଗୋଟିଏ ଅନୁଷ୍ଠାନରେ ଡଚ୍‌ଭାଷା ପଢ଼ାଇବା ଆରମ୍ଭ କରିଛି । ସେଠାରେ ମୋର ସାକ୍ଷାତ ଗୋଟିଏ ପାକିସ୍ତାନୀ ଫ୍ୟାମିଲି ସହିତ ହେଲା, ଯିଏ ପାଖାପାଖି ଏକବର୍ଷ ପୂର୍ବେ ହିଁ ହଲାଣ୍ଡ ଆସିଛି ସେ ଭାଷା ଶିଖିବାପାଇଁ ସେହି ଅନୁଷ୍ଠାନକୁ ଆସିଥିଲେ । ତାଙ୍କ ସହିତ ମିଳାମିଶା ବଢ଼ିଲା । ସେମାନଙ୍କୁ ସମସ୍ତପ୍ରକାର ସହଯୋଗ କରିବାପାଇଁ ମୁଁ ଆଶ୍ୱାସନା ଦେଲି । ସେମାନଙ୍କର ପିଲାମାନେ ମୋ ସହିତ ମିଶୁଛନ୍ତି ଓ ସପ୍ତାହରେ କିଛି ସମୟ ସେମାନେ ମୋ ସହିତ ସମୟ କାଟୁଛନ୍ତି । ସେହି ପିଲାମାନଙ୍କଠାରୁ ମତେ ଆପଣଙ୍କ ଯମାତ୍ ବିଷୟରେ ଜଣାପଡ଼ିଲା ।

ମତେ ଏଠାକୁ ଆସି ବହୁତ ଖୁସି ଅନୁଭବ ହେଉଅଛି କାରଣ ଆପଣଙ୍କ ଖଲିଫା ମଧ୍ୟ ସବୁଲୋକମାନଙ୍କ ମଧ୍ୟରେ ଶାନ୍ତି ଓ ଭାଇଚାରାର କଥା କହୁଛନ୍ତି । ମୁଁ ନିଜେ ହେଉଛି ଜଣେ ଖ୍ରୀଷ୍ଟିୟାନ୍ ମୁଁ ଏହା ଦେଖିବାକୁ ପାଉଛି ଯେ, ଆପଣଙ୍କ ଯମାତ୍ କେବଳ ଅହେମଦୀମାନଙ୍କ ସହିତ ନୁହେଁ ବରଂ ପ୍ରତ୍ୟେକ ଧର୍ମ ସହିତ ସମ୍ପର୍କ ରଖିଥିବା ଲୋକମାନଙ୍କ ସହିତ ଉତମ ବ୍ୟବହାର କରୁଅଛି । ବିଶେଷରୂପେ ଜଣେ ମୁସଲମାନ ଧର୍ମଗୁରୁଙ୍କଠାରୁ ଏପରି କଥା ଶୁଣିବା ବହୁତ ଭଲ ଲାଗିଲା । କାରଣ ଆଜିକାଲି ଇସ୍‌ଲାମ୍ ସମ୍ବନ୍ଧରେ ଭୁଲ୍ ବୁଝାମଣା ସୃଷ୍ଟି ହେଉଛି । ଆପଣଙ୍କ ପରି ଯମାତ୍ ଯିଏ ହଲାଣ୍ଡର ସମାଜରେ ମିଶିଯିବାପାଇଁ ବିଶ୍ୱାସ ରଖିଛି ଏହିଭଳି ଯମାତଠାରୁ ଆପୋଷ ଭାଇଚାରା ଏବଂ ଶାନ୍ତି ଓ ସୌହାର୍ଦ୍ଧ୍ୟପୂର୍ଣ୍ଣ ବାର୍ତା ମିଳିବା ଏ ସମାଜ ପାଇଁ ବହୁତ ଆବଶ୍ୟକ । ଆପଣମାନେ ପ୍ରେମ ଉପରେ ବିଶ୍ୱାସ ରଖିଛନ୍ତି । ମୋର ମଧ୍ୟ ଏ ଖୟାଲ ଯେ ଆମ ସମସ୍ତଙ୍କୁ ପ୍ରେମର ପ୍ରଚାର ପ୍ରସାର ପାଇଁ ଚେଷ୍ଟା କରିବା ଉଚିତ କାରଣ ଯଦି ଆମେ ପ୍ରେମର ପ୍ରଚାର ପ୍ରସାର କରିବା ତାହା ହଲାଣ୍ଡ ଓ ଏ ପୃଥିବୀବାସୀଙ୍କ ପାଇଁ ଅତି ଉତମ ହେବ । ଖଲିଫାଙ୍କ ଅସ୍ତିତ୍ୱରେ ଯେଉଁ ଶାନ୍ତି ଓ ସ୍ଥିରତା ପରିଲିକ୍ଷିତ ହେଉଅଛି ତାହା ଅତ୍ୟନ୍ତ ସାନ୍‌ଦାର୍ ଥିଲା । ହଜୁର ଏ ପୃଥିବୀରେ ବ୍ୟାପିଯାଇଥିବା ଅଶାନ୍ତ ବିଷୟରେ ଚର୍ଚ୍ଚା କଲେ ଓ ତା'ପରେ ପୁଣି ଶାନ୍ତି ସ୍ଥାପନ କରିବାର ଆବଶ୍ୟକତା ଉପରେ ଜୋର୍ ଦେଲେ । ଆମେ ଏ ପୃଥିବୀ ପୃଷ୍ଠରେ ଜଣେ ଅନ୍ୟଜଣକ ସହିତ ମିଳିମିଶି ବାସ କରୁଅଛେ । ଆମେ ମିଳିମିଶି ରହିବା ତେଣୁ ଆମକୁ ମିଳିମିଶି କାମ କରିବାକୁ ହେବ । ଏହି ପ୍ରୋଗ୍ରାମରେ ମତେ ନିମନ୍ତ୍ରଣ ଦେଇଥିବାରୁ ମୁଁ ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ ଅର୍ପଣ କରୁଅଛି । ମୋର ଶୁଭକାମନା ଆପଣମାନଙ୍କ ସହିତ ରହିଛି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ହଲାଣ୍ଡ ଆଗମନରେ "Ons Almere" ନିଜର

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

୨୫ ସେପ୍ଟେମ୍ବର ବୁଧବାର ଦିନର ପ୍ରକାଶନରେ ଲେଖିଲା ଶାନ୍ତିର ଖଲିଫା ହଲାଣ୍ଡ ଆସୁଛନ୍ତି ।

ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ୩୯ ତମ ଜଲ୍‌ସା ସାଲାନା ହଲାଣ୍ଡରେ ଯୋଗଦେବା ନିମନ୍ତେ ଏବଂ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଶୁଭଉଦ୍‌ଘାଟନ ନିମନ୍ତେ ହଲାଣ୍ଡ ଆସୁଛନ୍ତି । ଖଲିଫତୁଲ୍ ମସିହି ସାରା ଦୁନିଆରେ ମାନବୀକ ସହାନୁଭୂତି ଏବଂ ମାନବସେବାର କାର୍ଯ୍ୟକୁ ସମ୍ପାଦନ କରୁଅଛନ୍ତି ତତ୍‌ସହିତ ସାରା ଦୁନିଆରେ ଶାନ୍ତି ପ୍ରତିଷ୍ଠା ଏବଂ ଧର୍ମୀୟ ସହିଷ୍ଣୁତାକୁ ପ୍ରୋତ୍ସାହିତ କରୁଛନ୍ତି । ଖଲିଫା ପୃଥିବୀର ବିଭିନ୍ନ ପାର୍ଲାମେଂଟ ବ୍ୟତିତ ଉଚ୍ ପାର୍ଲାମେଂଟରେ ମଧ୍ୟ ଅଭିଭାଷଣ ପ୍ରଦାନ କରିଛନ୍ତି । ୦୧ ଅକ୍ଟୋବର ଦିନ ସେ ଅଲ୍‌ମେରେ ସହରରେ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଉଦ୍‌ଘାଟନ କରିବେ ।

**୨୯ ସେପ୍ଟେମ୍ବର ୨୦୧୯ (ରବିବାର)**

ହଜୁର ଅନ୍‌ୱର ଅ:ବ:ଅ ଭୋର ସାଢ଼େ ଛଅଟାରେ ଜଲ୍‌ସାଗାଃରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ଫଜର୍ ନମାଜ ସମୟରେ ଖୁବ୍ ଜୋର୍‌ରେ ବର୍ଷା ହେଉଥିଲା । ହଜୁର ଅନ୍‌ୱର ଅ:ବ:ଅଙ୍କ ଆବାସସ୍ଥଳୀଠାରୁ ଜଲ୍‌ସାଗାଃର ଦୂରତା ଏ ଫର୍ଲଙ୍ଗ୍ ପାଖାପାଖି । ସିକ୍ୟୁରିଟି ଷ୍ଟାଫ୍ ଗାଡ଼ି ପ୍ରସ୍ତୁତ କରି ରଖିଥିଲେ କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ହଜୁର ଅନ୍‌ୱର ଅ:ବ:ଅ ପାଦରେ ଚାଲି ଚାଲି ଆସିଲେ । ଛତା ତା ସାମର୍ଥ୍ୟ ଅନୁସାରେ ହଜୁରଙ୍କୁ ସାହାଯ୍ୟ କରୁଥିଲା । ବାକି ବର୍ଷା ତା ନିଜର କାମ ଦେଖାଇଲା । ରାସ୍ତାରେ ମଧ୍ୟ ସ୍ଥାନେ ସ୍ଥାନେ ପାଣି ଜମା ହୋଇଥିଲା । ଗୋଟିଏ ଗୋଟିଏ ପାଦ ଦେଖି ଦେଖି ପକାଇବାକୁ ପଡୁଥିଲଶ । ପୁଣି ନମାଜ ପଢ଼ା ସରିବାଦ ପରେ ମଧ୍ୟ ବର୍ଷାରେ ଫେରିବାକୁ ପଡ଼ିଲା । ସକାଳ ବେଳା ହଜୁର ଅନ୍‌ୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠିପତ୍ର ଏବଂ ରିପୋର୍ଟସ୍ ଇତ୍ୟାଦି ଦେଖିଲେ ଓ ସେ ସବୁରେ ଟିପ୍ପଣୀ ପ୍ରଦାନ କଲେ । ଏହିପରି ହଜୁର ଅନ୍‌ୱର ଅ:ବ:ଅ ବିଭିନ୍ନ ପ୍ରକାରର ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଆଜି ଯମାତ୍ ଅହେମଦୀୟା ହଲାଣ୍ଡର ଜଲ୍‌ସା ସାଲାନାର ତୃତୀୟ ଦିବସ । ପ୍ରୋଗ୍ରାମ ମୁତାବକ ଠିକ୍ ତିନିଟା ବେଳକୁ ହଜୁର ଅନ୍‌ୱର ଅ:ବ:ଅ ପୁରୁଷ ଜଲ୍‌ସାଗାଃରେ ପଦାର୍ପଣ କଲେ ଓ ସେଠାରେ ଜୋହର୍ ଓ ଅସର୍ ନମାଜ ଯମା କରି ପଢ଼ାଇଲେ ।

ନମାଜ ପାଠ ପରେ ହଜୁର ଅନ୍‌ୱର ଅ:ବ:ଅ ଯେଉଁ କ୍ଷଣି ମଂଚ ଉପରେ ବିରାଜମାନ ହେଲେ, ସମଗ୍ର ଜଲ୍‌ସାଗାଃଟି ନାରା (ସ୍ଲୋଗାନ୍)ରେ କମ୍ପି ଉଠିଲା । ଯମାତ୍‌ର ଶ୍ରଦ୍ଧାଳୁମାନେ ବହୁତ ଉତ୍ସାହିତ ହୋଇ ନାରା (ସ୍ଲୋଗାନ୍) ଲଗାଉଥିଲେ ।

**ଜଲ୍‌ସା ସାଲାନା ହଲାଣ୍ଡର ଉଦ୍‌ଯାପନି ସଭା**

ଉଦ୍‌ଯାପିନ ସଭାର ଶୁଭାରମ୍ଭ ପବିତ୍ର କୋରାନ୍ ଆବୃତି ଦ୍ୱାରା ହେଲା । ମୁକରମ୍ ଅଇମନ୍ ଫଜଲ୍ ଅଓଦାଃ ସାହେବ ତାହା ଆବୃତି କଲେ । ତାହାର ଉର୍ଦ୍ଦୁ ଅନୁବାଦ ମୋକରମ୍ ସଇଦ୍ ଅହ୍‌ମଦ୍ ଜଟ୍ ସାହେବ୍ ମୁବଲ୍ଲିଗ୍ ସିଲ୍‌ସିଲା ହଲାଣ୍ଡ ଉପସ୍ଥାପନ କଲେ । ତା'ପରେ ମୋକରମ୍ ହମାଦ୍ ଅହ୍‌ମଦ୍ ଅବ୍‌ବାସି ସାହେ୍ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଞ୍ଜୁମ୍ କଲାମ୍:-

**କସ୍ କଦର୍ ଜାହିର୍ ହୈ ନୂର୍ ଉସ୍**
**ମବ୍‌ଦଉଲ୍ ଅନୱର କା**
**ବନ୍ ରହା ହୈ ସାରା ଆଲମ୍ ଆଇନା**
**ଅବ୍‌ସାର୍ କା**

ଅତି ମଧୁର ସ୍ୱରରେ ପଢ଼ି ଶୁଣାଇଲେ । ତା'ପରେ ପ୍ରୋଗ୍ରାମ ମୁତାବକ ହଜୁର ଅନ୍‌ୱର ଅ:ବ:ଅ ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ କରିଥିବା ୧୪ (ଚଉଦ) ଜଣ ଛାତ୍ରଙ୍କୁ ସାର୍ଟିଫିକେଟ୍ ଓ ମେଡ଼ାଲ୍ ପ୍ରଦାନ କଲେ । ଏହି ପୁରସ୍କାର ପ୍ରାପ୍ତ କରିଥିବା ସୌଭାଗ୍ୟଶାଳୀ ଛାତ୍ରମାନଙ୍କର ନାମ ନିମ୍ନରେ ଦରଜ କରାଗଲା ।

ହୁଶାମ୍ ରାଣା ପରୀକ୍ଷାରେ (Primary Education Board ପରୀକ୍ଷାରେ ୧୦୦ ପ୍ରତିଶତ ନମ୍ବର)

ଫରାଜ ହାରୁନ୍ ଚୌଧୁରୀ (Primary Education Board ପରୀକ୍ଷାରେ ୧୦୦ ପ୍ରତିଶତ ନମ୍ବର)

କମର୍ ଜାୱେଦ୍ ସଲେରୀ ହଲାଣ୍ଡ (Higher Secondary ପରୀକ୍ଷାରେ ୮୧ ପ୍ରତିଶତ ନମ୍ବର)

ଉସାମା ଅହ୍‌ମଦ୍ ବିନ୍ ନୂର୍ (FSC Pre-medical Eindhoven)

ଜୈନ୍ ବାରି ମଲକ୍ (Bsc Biomedical Natural Sciences Armsterdram)

ସାଆଦ୍ ଅହ୍‌ମଦ୍ (Bsc Electrical Engineering Zwolle Holland)

ଜିଲୁର୍ ରହ୍‌ମାନ୍ (Bsc Accontancy Leiden Holland)

ଅନିସ୍ ଇକ୍‌ବାଲ୍ (Msc Pakistan Studies Nunspeet)

ମଶ୍‌ହୁଦ୍ ଚୌଧୁରୀ (Msc Medicine Maastricht)

ଶର୍‌ଜିଲ୍ ଅହ୍‌ମଦ୍ ମଲକ୍ (Msc ICT in Business Leiden)

ରାହିଲ୍ ଅହ୍‌ମଦ୍ ଚୌଧୁରୀ (Msc International Management and Global Business Schiedam Holland)

ଫରାଜ୍ ଅହ୍‌ମଦ୍ (Msc Electrical Engineering Arnhem Holland)

ମୁହମ୍ମଦ୍ ଅହମଦ୍ ତାରିକ୍ (Msc Accountancy Almere Holland)

ତଲ୍‌ହା ଅହ୍‌ମଦ୍ (Msc Mathematics Armstordam Holland)

ତାଲିମେ ଆୱାଡ୍ (ଶିକ୍ଷା ପୁରସ୍କାର)ର ଏହି ସମାରୋହ ପରେ ଠିକ୍ ଦିନ ତିନିଟା ଚାଳିଶି ମିନିଟରେ ହଜୁର ଅନ୍‌ୱର ଅ:ବ:ଅ ଅଭିଭାଷଣ ପ୍ରଦାନ କଲେ ।

**ହଜୁର ଅନ୍‌ୱର ଅ:ବ:ଅଙ୍କର ଉଦ୍‌ଯାପନି ଭାଷଣ**

ତଶ୍‌ହୁଦ୍ ତଉଜ୍ ଏବଂ ସୁରାଃ ଫାତିହାର ତିଲାୱତ୍ ପରେ ହଜୁର ଅନ୍‌ୱର ଅ:ବ:ଅ ସୁରଃ ଅସ୍‌ସଫ୍ ର ଆୟତ ନଂ ୯ ୨ ଆବୃତି କଲେ ଓ ତାହାର ଅନୁବାଦ ଉପସ୍ଥାପନ କଲେ । ତା'ପରେ ହଜୁର ଅନ୍‌ୱର ଅ:ବ:ଅ କହିଲେ:- ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେଉଁଠି ଏ ଦାବି କରିଛନ୍ତି ଯେ ସେ ଅଲ୍ଲାଃ ତାଲାଙ୍କ ତରଫରୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଏ ଯୁଗରେ ଇସ୍‌ଲାମର ପୂର୍ନବିନ୍ୟାସ କରିବାପାଇଁ ପ୍ରେରିତ ହୋଇଛନ୍ତି ।

ଏବଂ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଦାସତ୍ୱରେ ଆପଣ ସ:ଆ:ସଙ୍କ ଧର୍ମକୁ ସଂସାରରେ ପ୍ରଚାର ପ୍ରସାର କରିବାର କାର୍ଯ୍ୟ ଅଲ୍ଲାଃ ତାଲା ତାଙ୍କଠାରେ ନ୍ୟସ୍ତ କରିଛନ୍ତି । ତେଣୁ ଏହା ଜରୁରୀ ଥିଲା ଓ ଜରୁରୀ ଅଟେ ଯେ ଅଲ୍ଲାଃ ତାଲା ନିଜର ସାହାଯ୍ୟ ସହଯୋଗର ଦୃଶ୍ୟ ମଧ୍ୟ ଦେଖାଇଥାନ୍ତେ । ଅତଏବ ଅଲ୍ଲାଃ ତାଲା ଏହି ଦୃଶ୍ୟ ଦେଖାଇଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମଧ୍ଯ ନିଜ ଆକା ଓ ମୁତାଆ ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଅନୁଗ୍ରହରୁ ଅନେକ ଥର ଏହାର ସାନ୍ତ୍ୱନା ଦିଆଯାଇଅଛି ।

ହଜୁର ଅନୱର ଅ:ବ:ଅ କହିଲେ ଯେତେବେଳେ ଇସ୍‌ଲାମ୍ ବିରୋଧି ଶକ୍ତିଗୁଡ଼ିକ ଇସ୍‌ଲାମ୍‌କୁ ଶେଷ କରିବାପାଇଁ ମନସ୍ଥ କରିଥିଲେ, ସେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏ ଘୋଷଣା କଲେ ଯେ ଖୁଦାତାଲା ମତେ ଏହା କହିଛନ୍ତି ଯେ ଶତୃ ଚାହେ ଯେତେ ଜୋର୍ ଲଗାଉ ଏବେ ଇସ୍‌ଲାମ୍‌ର ବିକାଶ ଓ ପ୍ରଚାର ପ୍ରସାର ହେବା ଅଲ୍ଲାଃ ତାଲା ଧାର୍ଯ୍ୟ କରିସାରିଛନ୍ତି ।

ଅଲ୍ଲାଃ ତାଲାଙ୍କର ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଥିବା ପ୍ରତିଶୃତି ଆଜି ମଧ୍ୟ କାଏମ୍ ରହିଛି ଏବଂ ନିଜର ସମସ୍ତ ବୈଭବ ସହିତ ପୂରଣ ହେବାକୁ ଅଛି ଯେଉଁଭଳି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ଯୁଗରେ ହୋଇଥିଲା । ଏବେ ସେହି ଉନ୍ନତି ଓ ବିକାଶ ଯେଉଁ ମସିହ୍ ଓ ମେହେଦୀଙ୍କ ଜରିଆରେ ହେବାର ଥିଲା ସେହି ମସିହ୍ ଓ ମେହେଦୀ ହେଉଛି ମୁଁ । ଏହାକୁ ବ୍ୟାଖ୍ୟା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ଏହା କହିଛନ୍ତି ଯେ: ଏହି ଲୋକମାନେ (ଅର୍ଥାତ ବିରୋଧିମାନେ) ନିଜ ମୁହଁର ବ୍ୟର୍ଥ କଥନ ଦ୍ୱାରା ବକ୍‌ବକ୍ ହେଉଛନ୍ତି ଯେ ଏହି ଦୀନ୍ (ଅର୍ଥାତ ଇସ୍‌ଲାମ୍)କୁ କେବେ ସଫଳତା ମିଳିବ ନାହିଁ । ଏହି ଦୀନ୍ ଆମ ହାତରେ ଧ୍ୱଂସ ହେବ । କିନ୍ତୁ ଖୁଦାତାଲା ଯେ ପର୍ଯ୍ୟନ୍ତ ଏହି ଦୀନ୍‌ର ଉନ୍ନତି ଓ ବିକାଶ ନ କରିଛି ସେ ପର୍ଯ୍ୟନ୍ତ ଏହାକୁ ଛାଡ଼ିବ ନାହିଁ । ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ ଏହି ଦୁଷ୍ଟ ଆବିଶ୍ୱାସୀମାନେ ନିଜ ମୁହଁର ପବନ ଦ୍ୱାରା ଅଲ୍ଲାଃଙ୍କ ଜ୍ୟୋତିକୁ ଲିଭାଇଦେବାକୁ ଚାହୁଁଛନ୍ତି ଯେବେ କି ଅଲ୍ଲାଃ ନିଜର ଜ୍ୟୋତିକୁ ପୂର୍ଣ୍ଣ କରିବାକୁ ମନସ୍ଥ କରିଛନ୍ତି ।

ହଜୁର ଅନୱର ଅ:ବ:ଅ କହିଲେ: ଇସ୍‌ଲାମ୍ ବିରୋଧି ତତ୍ୱମାନ ନିଜ ନିଜର କାମ ଚଳାଇଥିଲେ କିନ୍ତୁ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କଥନରୁ ଏହା ଜଣାପଡୁଛି ଯେ, ଏପରି ଲୋକମାନଙ୍କର ଦୁର୍ଭାଗ୍ୟ ଯେ, ସେମାନେ ନିଜକୁ ମୁସଲମାନ ବୋଲାଉଥିବା ସତ୍ତ୍ୱେ ମଧ୍ୟ ଓ ବହୁତ ସେମାନଙ୍କ ମଧ୍ୟରେ

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ଧର୍ମଜ୍ଞାନୀ ବୋଲାଉଥିବା ସତ୍ତ୍ୱେ ମଧ୍ୟ, ସେମାନେ ସେହି ଅବିଶ୍ୱାସୀମାନଙ୍କର ଯେଉଁମାନେ ଇସ୍‌ଲାମି ବିରୋଧି କାର୍ଯ୍ୟକଳାପର ଚେଷ୍ଟା କରୁଛନ୍ତି, ସେମାନଙ୍କୁ ସହଯୋଗ କରୁଛନ୍ତି । ଯେବେ କି ସେମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ସାହାଯ୍ୟ ସହଯୋଗ କରିବା କଥା । ପୁଣି ଏତିକି ନୁହେଁ ସେହି ଅଭାଗା ମୁସଲମାନ ମୁଲ୍ଲାମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ବିରୋଧ କରୁଛନ୍ତି ଓ ଏବେ ମଧ୍ୟ କରିଚାଲିଛନ୍ତି ।

ହଜୁର ଅନଓ୍ୱର କହିଲେ: କିନ୍ତୁ ସେମାନଙ୍କର ବିରୋଧ ଏବେ କିଛି କରିପାରିବ ନାହିଁ । ଯେଉଁଭଳି ପୂର୍ବ ସମୟରେ ଇସ୍‌ଲାମୀ ବିରୋଧି ତତ୍ୱ ଇସ୍‌ଲାମ୍‌ର କିଛି କ୍ଷତି କରିପାରିନଥିଲେ ସେହିଭଳି ଏକ ହଜାର ବର୍ଷ ଅନ୍ଧକାରମୟ ଯୁଗ ପରେ ମଧ୍ୟ ବିରୋଧିମାନେ ଇସ୍‌ଲାମ୍‌ର କୌଣସି କ୍ଷତି କରିପାରିଲେ ନାହିଁ ଓ ଏବେ ମଧ୍ୟ ଇସ୍‌ଲାମ ଈଶ୍ୱରଙ୍କ କୃପାରୁ ସୁରକ୍ଷିତ ରହିଛି । ପବିତ୍ର କୋରାନ୍ ମଧ୍ୟ ଅଲ୍ଲାଃଙ୍କ କୃପାରୁ ସୁରକ୍ଷିତ ରହିଛି । ସେହିଭଳି ଏବେ ମଧ୍ୟ ତାହା କାଏମ୍ ରହିବ । ଯେଉଁଭଳି ଏ ପ୍ରତିଶୃତି ଅଲ୍ଲାଃ ତାଲାଙ୍କର ରହିଛି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯୁଗରେ ଓ ମସିହ ମଉଦଙ୍କ ଜରିଆରେ ହିଁ ଧର୍ମର ପୂର୍ନବିନ୍ୟାସ ହେବ ଅର୍ଥାତ ଇସ୍‌ଲାମ୍ ଧର୍ମ ପୂର୍ନଜୀବିତ ହେବ । ତେଣୁ ଏକ ଇସ୍‌ଲାମ୍ର ସୁନ୍ଦର ଶିକ୍ଷା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ହିଁ ସଂସାରରେ ପ୍ରକାଶ ହେବାକୁ ଅଛି ଓ ହେଉଅଛି ମଧ୍ୟ । ଯେଉଁ କାର୍ଯ୍ୟକୁ ଈଶ୍ୱର ସମ୍ପୁର୍ଣ୍ଣ କରିବାକୁ ଚାହୁଁଛନ୍ତି ସେହି କାମରେ ବାଧା ସୃଷ୍ଟି କରିବାପାଇଁ ଏହି ତଥା କଥିତ ମୌଲବାଦୀ ତଥା ବିରୋଧିମାନଙ୍କ ପ୍ରଚେଷ୍ଟା ସଫଳ ହୋଇପାରିବ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅଲ୍ଲାଃଙ୍କର ଯେଉଁ କଥାକୁ ପୂରଣ ନ କରିବାପାଇଁ ଏହି ଲୋକମାନେ ଅଲ୍ଲାଃଙ୍କର ସେହି ଜ୍ୟୋତିକୁ ଲିଭାଇଦେବାକୁ ଚାହୁଁଛନ୍ତି, ସେମାନେ ଅସଫଳ ହେବେ ଓ ଅଲ୍ଲାଃ ତାହା ନିଶ୍ଚିତ ରୂପେ ତାହାକୁ ପୂରଣ କରିବ ଓ ତାହାକୁ କେହି ରୋକି ପାରିବେ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯେଉଁ ପୂଣ୍ୟାବାନ ଓ ପୂଣ୍ୟ ପ୍ରକୃତି ଲୋକମାନେ ଏହି ଭେଦକୁ ଚିହ୍ନିପାରି ଓ ଜାଣିପାରୁଛନ୍ତି, ସେମାନେ ଅଲ୍ଲାଃଙ୍କ କୃପାରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତରେ ସାମିଲ ହୋଇଚାଲିଛନ୍ତି । ଅତଏବ୍ ଏହି ଯୁଗରେ ଯେଉଁ ରାସ୍ତାଟି ଅଲ୍ଲାଃଙ୍କ ନିକଟତର କରାଇବାର ସାଧନ ରହିଛି, ତାହା କେବଳ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ଯୋଡ଼ି ହେବା ଯୋଗୁଁ ପ୍ରାପ୍ତ ହୋଇଥାଏ ମୁଁ ଏଠାରେ କିଛି ଘଟଣାବଳୀ ଚର୍ଚ୍ଚା କରିବି ଯେଉଁଥିରୁ ଜଣାପଡୁଛି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯମାତ୍‌ରେ ଦୀକ୍ଷା ନେବା ପାଇଁ ବା ସାମିଲ ହେବା ପାଇଁ କିପରି ଅଲ୍ଲାଃ ତାଲା ମାର୍ଗଦର୍ଶନ କରିଛନ୍ତି ଓ କିଭଳି ବିଶ୍ୱାସକୁ ଦୃଢ଼ିଭୁତ କରିବାପାଇଁ ନିଦର୍ଶନ ଦେଖାଇଛନ୍ତି ଓ କିପରି ଅଲ୍ଲାଃ ତାଲା ବିରୋଧିମାନେ ମୁଣ୍ଡକୁ ନୁଆଁଇ ଦେଇଛନ୍ତି ।

ଏ ବିଷୟରେ ମାଲି ଦେଶ ଜଣେ ବନ୍ଧୁ ମୁହମ୍ମଦ କୋନେ ସାହେବ କହୁଛନ୍ତି ଯେ, ସେ ଯମାତ୍‌ର ରେଡ଼ିଓ ଷ୍ଟେସନ୍ ଶୁଣୁଥିଲେ । ସେହି ରେଡ଼ିଓରେ ଯେଉଁ ଲୋକମାନେ ଯମାତ୍‌ର ବିରୋଧି ଥିଲେ ସେମାନଙ୍କର କଥା ମଧ୍ୟ ଶୁଣିଲେ । ତା'ପରେ ସେ ଦୁଆ (ପ୍ରାର୍ଥନା) କରିବା ଆରମ୍ଭ କରିନେଲେ ଯେ ଅଲ୍ଲାଃ ତାଲା ତାଙ୍କୁ ସଠିକ୍ ମାର୍ଗଦର୍ଶନ କରାନ୍ତୁ । ତା'ପରେ ସେ ସ୍ୱପ୍ନରେ ଦେଖିଲେ ଯେ ଜଣେ ବୟୋଜ୍ୟୋଷ୍ଠ ମହାପୁରୁଷ ତାଙ୍କୁ ଏକଥା କହୁଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଅହମଦୀୟତ ଗ୍ରହଣ କରିବେ । ସେ ଏବେ ଗ୍ରହଣ କରନ୍ତୁ ବା ପରେ । ସୁତରାଂ ସେ ବୟତ କରି ନେଲେ ଓ ଏବେ ଯମାତ୍‌ର ଜଣେ ଆକ୍‌ଟିଭ୍ ସଦସ୍ୟ ଅଛନ୍ତି । ପୁଣି ତାନ୍‌ଜାନିଆ ଦେଶର ଆମର ଜଣେ ମୁଅଲ୍ଲିମ୍ ବର୍ଣ୍ଣନା କରୁଛନ୍ତି ଯେ ଗୋଟିଏ ଖାନ୍‌ଦାନ୍‌ରେ ଜଣେ ପୂଣ୍ୟବତୀ ମହିଳା ସଫିରା ସାହିବା ଅଛନ୍ତି । ସେ ଛୋଟ ପିଲା ଥିଲାବେଳେ ତାଙ୍କ ବାପାଙ୍କର ଦେହାନ୍ତ ହୋଇଯାଇଥିଲା । ତାଙ୍କ ମାଆ ଦ୍ୱିତୀୟ ବିବାହ କରିନେଲେ । ତାଙ୍କ ସାବତ ବାପା ମଦ ତିଆରି କରି ବିକ୍ରି କରୁଥିଲେ ଓ ସେ ତାଙ୍କ ବାପାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ ମଧ୍ୟ କରୁଥିଲେ । ଦିନେ ସେ ଯମାତ୍‌ର ଗୋଟିଏ ବହି ଦୋକାନ ସମ୍ମୁଖରେ ଯାଉଥିବା ବେଳେ ଯମାତ୍‌ର କିଛି ପୁସ୍ତକ ଦେଖିବାକୁ ପାଇଲେ ଓ କିଛି ପ୍ରଶ୍ନ ପଚାରିଲେ ଓ ଯମାତ୍ ଅହେମଦୀଆ ସମ୍ବନ୍ଧରେ ଜାଣିବାକୁ ଚାହିଁଲେ । ଉତର ମିଳିବା ପରେ ସେ କହିଲେ ଯେ ଯଦି ଇସ୍‌ଲାମ୍ ହେଉଛି ଏପରି ଯାହା ତୁମେ କହୁଅଛ ତେବେ ମୁଁ ତ ବହୁତ ପଥଭ୍ରଷ୍ଟ ହୋଇସାରିଛି । ମୁଁ ଇସ୍‌ଲାମ୍ ଅହେମଦିୟତ୍‌ରେ ସାମିଲ ହେବାକୁ ଚାହୁଁଛି । ତାଙ୍କୁ ଗୋଟିଏ ବୟତ ଫର୍ମ ଦିଆଗଲା କି ସେ ଘରେ ଯାଇ ତା ଉପରେ ଚିନ୍ତନ କରିବେ । ବୟତ ଫର୍ମ ପଢ଼ିବା ପରେ ତା' ପରଦିନ ସେ ମଦ ତିଆରି ହେଉଥିବା ଆସବାବ / ଜିନିଷପତ୍ର ଇତ୍ୟାଦିକୁ ତାଙ୍କ ମାଆ ବାପାଙ୍କୁ ଦେଇଦେଲେ ଓ କହିଲେ ଯେ ଏବେ ଏହି କାମ ସହିତ ମୋର କୌଣସି ସମ୍ପର୍କ ନାହିଁ । ତେଣୁ ଏହି ସମସ୍ତ ଜିନିଷପତ୍ର ଆପଣ ନେଇନିଅନ୍ତୁ । ମୁଁ ତ ଏବେ ଅସଲ ଇସ୍‌ଲାମ୍‌ରେ ସାମିଲ ହେବାକୁ ଚାହୁଁଛି । ଅତଏବ୍ ସେହି ମହିଳା ଜଣକ ଯମାତ୍ ଅହେମଦୀୟାରେ ବୟତ କରି ସାମିଲ ହୋଇଗଲେ ଓ ଜୀବନ ଜୀବିକା ପାଇଁ ଅନ୍ୟ ବୈଧ ମାର୍ଗକୁ ଆପଣାଇନେଲେ ।

ସିନିଗାଲ୍ ଦେଶରୁ ଆମ ମୁବଲ୍ଲିଗ୍ ଲେଖୁଛନ୍ତି ଯେ, ସେଠାରେ ଟବୁକରି ନାମକ ଏକ ଗାଁ ଅଛି । ସେହି ଗାଁର ଜଣେ ମହିଳା ମଇମୁନାଃ ସାହିବା ଯେବେ ରେଡ଼ିଓ ଜରିଆରେ ଅହେମଦୀୟତର ବାର୍ତା ଶୁଣିଲେ, ବହୁତ କଷ୍ଟରେ ମିଶନ୍ ହାଉସ୍‌ର ଠିକଣା ଖୋଜି ଖୋଜି ଆସି ମିଶନ୍ ହାଉସ୍‌ରେ ପହଂଚିଲେ । କହିଲେ ଏବେ ମୁଁ ଅହମଦିୟତରେ ସାମିଲ ହେବାକୁ ଚାହୁଁଛି । ମୋ ସ୍ୱାମୀ ଏଥିରେ ଖୁସି ନାହାନ୍ତି ଓ ନା ସେ ଅହେମଦିୟତ୍‌ରେ ସାମିଲ ହେବାକୁ ଚାହୁଁଛନ୍ତି, କିନ୍ତୁ ମୁଁ ଅହେମଦୀୟତ୍‌କୁ ପ୍ରକୃତ ଓ ବାସ୍ତବିକ ଇସ୍‌ଲାମ୍ ରୂପେ ଚିହ୍ନିସାରିଛି ତେଣୁ ମୁଁ ମୋର ସମସ୍ତ ସନ୍ତାନମାନଙ୍କ ସହିତ ଅହେମଦିୟତରେ ସାମିଲ ହେଉଅଛୁ । ତତ୍‌ସହିତ ସେ ସବୁ ମାସରେ ନିଜର ଓ ନିଜ ପିଲାମାନଙ୍କର ଚାନ୍ଦା ଦେବାକୁ ପ୍ରତିଜ୍ଞା କଲେ । ଅତଏବ ସେହି ମହିଳା ଜଣକ ଯମାତ୍ ଅହେମଦୀୟାରେ ସାମିଲ ହେବା ଦିନଠାରୁ ପ୍ରତ୍ୟେକ ମାସ ନିଜେ ହିଁ ନିଜ ଚାନ୍ଦା ସହିତ ନିଜ ପିଲାମାନଙ୍କର ଚାନ୍ଦା ପଇଠ କରିଆସୁଛନ୍ତି ଏବଂ ତାଙ୍କର ଯେଉଁ ଆର୍ଥିକ ଅବସ୍ଥା ଅଛି ସେ ତା'ଠାରୁ ଅଧିକା ଚାନ୍ଦା ପ୍ରଦାନ କରୁଛନ୍ତି ।

ବେନିନ୍ ଦେଶର ବୋହେିକୁ ରିଜିୟନ୍‌ର ସ୍ଥାନିୟ ମିଶ୍‌ନାରୀ କହୁଛନ୍ତି ଯେ ଦିନେ ରେଡ଼ିଓରେ ତବ୍‌ଲିଗ୍ ଶୁଣି ଜଣେ ସାହେବ ଯାହାଙ୍କ ନାମ ହେଉଛି ଆଜାଫୁଁ ଆଗସ୍ତିନ୍, ତାଙ୍କର ଫୋନ୍ ଆସିଲା । ସେ କହିବାକୁ ଲାଗିଲେ ଯେ ମୁଁ ବହୁଦିନରୁ ରେଡ଼ିଓରେ ଯମାତ୍‌ର ତବ୍‌ଲିଗ୍ ଶୁଣୁଛି ଓ ମୁଁ ମିଳିବାକୁ ଚାହୁଁଛି । ସୁତରାଂ ମୁଁ (ଅର୍ଥାତ ମିଶ୍‌ନାରୀ ସାହେବ) ତାଙ୍କ ଘରକୁ ସାକ୍ଷାତ କରିବାପାଇଁ ଚାଲିଗଲି । ସେ କିଛି ପ୍ରଶ୍ନ ଲେଖି ରଖିଥିଲେ । ସେହି ସମସ୍ତ ପ୍ରଶ୍ନର ଉତର ସାନ୍ତ୍ୱନାମୂଳକ ତାଙ୍କୁ ଦିଆଗଲା ଫଳତଃ ସେ ସେହିକ୍ଷଣି ବୟତ କରିନେଲେ ଓ ଯମାତ୍ ଅହେମଦୀୟାରେ ସାମିଲ ହୋଇଗଲେ । ପୁଣି ମିଶ୍‌ନାରୀ ସାହେବ କହୁଛନ୍ତି ଯେ କିଛି ଦିନ ପରେ ମୁଁ ମୋ ସହିତ କିଛି ପୁସ୍ତକ ସାଥିରେ ଧରି ତାଙ୍କ ନିକଟକୁ ଗଲି । ସେହି ବହିଗୁଡ଼ିକୁ ପଢ଼ିବା ପରେ ସେ ମୋ ସହିତ ପୂନର୍ବାର ମିଳିଲେ ଓ କହିଲେ ଯେ ଯମାତ୍‌ର ସତ୍ୟତା ମୋ ଉପରେ ଦିବାଲୋକ ପରି ପ୍ରକାଶ ହୋଇସାରିଛି, ମୁଁ ମୋ ସ୍ୱଇଛାରୁ ଏହି ଓ୍ୱସିୟତ୍ କରିସାରିଛି ଯେ ମୋ ଘର ସମ୍ମୁଖରେ ଥିବା ଜମିଟିକୁ ଯମାତ୍ ପାଇଁ ଉତ୍ସର୍ଗ କରିଦେଲି । ଏବେ ଯମାତ୍ ତା ଇଚ୍ଛା ଅନୁସାରେ ସେଥିରେ ଯାହା ଚାହିଁବ କରିପାରିବ । ବୟତ କରିବା ପରେ ସେ ମହାଶୟ ନିଷ୍ଠା ଓ ଭକ୍ତିରେ ବହୁତ ଉନ୍ନତି କରିଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପୁଣି ଆମର ଜଣେ ମୁବଲ୍ଲିଗ୍ କହୁଛନ୍ତି ଯେ ଅହେମଦାବାଦ୍ ଇଣ୍ଡିଆରେ ଗୋଟିଏ Book Stall ଲାଗିଥିବା ବେଳେ ମୁହମ୍ମଦ୍ ସଇଦ୍ ସାହେବ ନାମକ ଜଣେ ବ୍ୟକ୍ତି ଆମ ବୁକଷ୍ଟଲ୍ କୁ ବୁଲିବାକୁ ଆସିଲେ । ତାଙ୍କ ସହିତ ଆଲୋଚନା ହେଲା । କଥାବାର୍ତାରୁ ଜଣାପଡ଼ିଲା ଯେ ସେ ଅହେମଦୀୟତ୍ ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ରଖିଛନ୍ତି । ତାଙ୍କୁ ଏ ପ୍ରସଙ୍ଗରେ ପଚରାଯିବାରୁ ସେ କହିଲେ ଯେ କୌଣସି ଲୋକଙ୍କ ତରଫରୁ ଅହେମଦୀୟତ୍‌ର ବାର୍ତା ପହଂଚିନଥିଲା କିନ୍ତୁ ଏମ୍‌ଟିଏ ସହିତ ସେ ବହୁଦିନରୁ ପରିଚିତ । ଏମ୍‌ଟିଏ ଜରିଆରେ ପ୍ରସାରଣ ହେଉଥିବା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଚତୁର୍ଥଙ୍କ ପ୍ରଶ୍ନୋତର କାର୍ଯ୍ୟକ୍ରମକୁ ସେ ଶୁଣି ଶୁଣି, ତାଙ୍କର ଅହେମଦିୟତ ସମ୍ବନ୍ଧରେ ହୃଦବୋଧ ହୋଇସାରିଥିଲା । ସେ କହୁଛନ୍ତି ସେ ମୁଁ ଯମାତ୍ ଅହେମଦୀୟାକୁ ସଚ୍ଚା (ଅର୍ଥାତ ସତ୍‌ପଥରେ ଥିବାର) ସ୍ୱୀକାର କରୁଅଛି । ମୋ ମନ ଭିତରେ ଏ ଆବେଗ ଥିଲା ଯେ କେବେ ଯଦି କୌଣସି ଅହେମଦି ମିଳନ୍ତି, ତାଙ୍କ ସହିତ ମିଳି ମୁଁ ଯମାତ୍‌ରେ ସାମିଲ

ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

## ‘‘ଦାରୁସ୍ ସନାଅତ୍’’ କାଦିଆନ୍‌ରେ Admission ନେବାକୁ ଚାହୁଁଥିବା ଛାତ୍ରମାନେ ଧ୍ୟାନ ଦିଅନ୍ତୁ ।

**Session 2020-2021**

**ବୈଷୟିକ ଶିକ୍ଷା ଆହାରଣ ବ୍ୟତିତ କାଦିଆନ୍‌ରେ ନମାଜ, ଦରସ ଇତ୍ୟାଦି ଆଧ୍ୟାତ୍ମିକ ପରିବେଶରୁ ଲାଭ ଉଠାଇବା ପାଇଁ ଉତମ ଅବସର**

ସୟଦନା ହଜରତ୍ ମୁସ୍‌ଲେହ ମଉଦ୍ ର:ଅ ୧୯୩୪ ମସିହାରେ କାଦିଆନ୍‌ର ପବିତ୍ର ବସ୍ତିରେ ଯୁବକମାନଙ୍କୁ ବୈଷୟିକ ବିଦ୍ୟା ଶିକ୍ଷା ଦେବାପାଇଁ ତଥା ସେମାନଙ୍କୁ ଉତମ ନାଗରୀକ ରୂପେ ଗଢ଼ି ତୋଳିବା ପାଇଁ ‘‘ଦାରୁସ୍ ସନାଅତ୍’’ ବିଭାଗର ମୂଳଦୁଆ ରଖିଥିଲେ । ତାହା ଦେଶ ବିଭାଜନ ହେବା ପରେ ପରିସ୍ଥିତି ଖରାପ ହେବା ଯୋଗୁଁ ବନ୍ଦ ହୋଇଗଲା । ଏବେ ଅଲ୍ଲାଃଙ୍କ ଅଶେଷ କୃପାରୁ ପୁର୍ନବାର ‘‘ଦାରୁସ୍ ସନାଅତ୍’’ ୨୩ ମାର୍ଚ୍ଚ ୨୦୧୦ ମସିହାରେ ପ୍ରୀୟ ଆକା ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ମଞ୍ଜୁରୀ କ୍ରମେ ଆରମ୍ଭ ହୋଇଛି, ଯାହା ବର୍ତମାନ ନିଜାରତ୍ ତାଲିମ୍ କାଦିଆନ୍‌ର ତତ୍ତ୍ୱାବଧାନରେ ପରିଚାଳିତ ହେଉଅଛି । ଏହି ବିଭାଗଟି National Small Industries Corporation Govt. of India Delhi (NSIC) ରୁ Affiliated ହୋଇଛି । ଏକ ବର୍ଷର କୋର୍ସ ସମ୍ପୁର୍ଣ୍ଣ ହେବାପରେ ବିଦ୍ୟାର୍ଥୀଙ୍କୁ ସରକାରୀ ପ୍ରମାଣପତ୍ର ଦିଆଯାଇଥାଏ । ଭାରତବର୍ଷରେ ରହୁଥିବା ଅହେମଦୀ ଯୁବକମାନଙ୍କୁ ଅନୁରୋଧ ଯେ ଏହି ଅନୁଷ୍ଠାନର ସମ୍ପୁର୍ଣ୍ଣ ଲାଭ ଉଠାନ୍ତୁ । ଦାରୁସ୍ ସନାଅତ୍ ରେ ଏବେ ନିମ୍ନଲିଖିତ Technical Courses କେବଳ ଏକ ବର୍ଷ ମଧ୍ୟରେ ଶିକ୍ଷାଦାନ କରାଯାଉଅଛି ।

| | | | |
|---|---|---|---|
| A.C/Fridge | Plumbing | Electrical | Welding |
| Computer | Carpenter | Diesel Mech. | Petrol Mech |

***ନାମଲେଖାର ସର୍ତାବଳୀ;***

(୧) ପ୍ରାର୍ଥୀ ଅତିକମ୍‌ରେ ଅଷ୍ଟମ ଶ୍ରେଣୀ ପାସ୍ କରିଥିବେ (୨) ପ୍ରବେଶିକା ଫର୍ମକୁ ସମ୍ପୁର୍ଣ୍ଣରୂପେ ପୂରଣ କରି ୩୦ ଜୁଲାଇ ୨୦୨୦ ଭିତରେ ପ୍ରିନ୍ସପାଲ୍ ଦାରୁସ୍ ସନାଅତ୍‌ଙ୍କ ନିକଟକୁ ରେଜିଷ୍ଟ୍ରି ଡ଼ାକ ଦ୍ୱାରା ବା ଇମେଲ୍ ଜରିଆରେ ପଠାଇ ଦିଅନ୍ତୁ ବା ସାଙ୍ଗରେ ନେଇ ଆସନ୍ତୁ । (୩) କାଦିଆନ୍ ବାହାରୁ ଆସୁଥିବା ଅହେମଦୀ ବିଦ୍ୟାର୍ଥୀମାନେ ଅମୀର୍ ଯମାତ୍/ସଦର୍ ଯମାତ / ମୁବଲ୍ଲିଗ୍ ସିଲ୍‌ସିଲାଙ୍କ ଦ୍ୱାରା (Attested) ତସ୍‌ଦିକ୍ ଚିଠି ନିଶ୍ଚିତରୂପେ ଆଣିବେ । (୪) ହଷ୍ଟେଲ୍‌ରେ ୪୦ ଜଣ ବିଦ୍ୟାର୍ଥୀଙ୍କ ପାଇଁ ରହିବାର ବ୍ୟବସ୍ଥା ଅଛି । (୫) ସମସ୍ତ କୋର୍ସ ଏକ ବର୍ଷିଆ ଅଟେ ତେଣୁ ଯେଉଁ ଟେକ୍‌ନିକାଲ୍ କୋର୍ସରେ ନାମ ଲେଖାଇବାକୁ ଚାହିଁଛନ୍ତି, ତାହାର ଫିସ୍ ଏକକାଳୀନ ବା ଦୁଇଟି କିସ୍ତିରେ ପଇଠ କରିବା ଜରୁରୀ ହେବ (୬) ପ୍ରାର୍ଥୀଙ୍କୁ କାଦିଆନ୍ ଆସିବାପାଇଁ ଲିଖିତ ବା ଟେଲିଫୋନ୍ ଜରିଆରେ ଏତେଲା ଦେବାକୁ ହେବ । ଅନୁମତି ମିଳିବା କ୍ଷେତ୍ରରେ ୩୦ ଜୁଲାଇ ୨୦୨୦ ପର୍ଯ୍ୟନ୍ତ ନିଜ ଖର୍ଚ୍ଚରେ କାଦିଆନ୍ ପହଂଚିଯିବେ । (୭) ପ୍ରାର୍ଥୀ ନାମଲେଖା ଫର୍ମ ସହିତ ନିମ୍ନଲିଖିତ ଜରୁରୀ କାଗଜପତ୍ରକୁ ସଲଗ୍ନ କରିବେ । (Personal Medical File ଯେଉଁଥିରେ Blood Group ଓ ସେଥିରେ ବିଶେଷ ପ୍ରକାରର ଆଲର୍ଜି ବା ରୋଗ ବିଷୟରେ ସୂଚନା ଥିବ । * ଯମାତି ପରିଚୟ ପତ୍ର * School Certificate ଯେଉଁଥିରେ Date of Birth ଦରଜ ଥିବ * ଆଧାର କାର୍ଡ଼, ଭୋଟର କାର୍ଡ଼ * ତିନୋଟି ଫଟୋ)

ଅଧିକ ଜାଣିବା ପାଇଁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ । ନାମଲେଖା ଫର୍ମ ଇମେଲ୍ ଜରିଆରେ ମଗାଇ ପାରିବେ ।

**(Email: darulsanaat.qadian@gmail.com)**

(ପ୍ରିନ୍ସପାଲ୍ ଦାରୁସ୍ ସନାଅତ୍, କାଦିଆନ୍)

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ପବିତ୍ର କୋରାନ୍‌କୁ ବୁଝିବା ଓ ତା’ ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ’’

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ସଦର ଅଞ୍ଜୁମନ ଅହ୍‌ମଦୀୟା କାଦିୟାନ୍ ଅନ୍ତର୍ଗତ ନୂର ହସ୍‌ପିଟାଲ୍‌ର X-Ray ବିଭାଗ ଏବଂ ଦନ୍ତ ବିଭାଗରେ Lady Technician ର ଦୁଇଟି ପଦବୀ ପୂରଣ ହେବାର ଅଛି ।

ନିମ୍ନଲିଖିତ ସର୍ତାବଳୀ ମୁତାବକ ସେବା କରିବାକୁ ଇଚ୍ଛୁକ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି କି:

**ସର୍ତାବଳୀ: Lady Technician for X-Ray Department (Noor Hospital Qadian)**

(୧) ପ୍ରାର୍ଥୀ ରେଜିଷ୍ଟ୍ରର୍ଡ଼ ଏବଂ ମାନ୍ୟତାପ୍ରାପ୍ତ ବୋର୍ଡ଼ରୁ Diploma in Radiology Technology କରିଥିବେ ଏବଂ Digital Technology and Competency in ECG Technology ରେ ଅତିକମ୍‌ରେ ତିନିବର୍ଷର ଅଭିଜ୍ଞତା ହାସଲ କରିଥିବେ । (୨) ପ୍ରାର୍ଥୀ Good Communication Skill ରେ ନିପୂଣ ହେବା ଜରୁରୀ ।

**ସର୍ତାବଳୀ: Post for Lady Technician for Dental Department (Noor Hospital Qadian)**

(୧) ପ୍ରାର୍ଥୀ ରେଜିଷ୍ଟ୍ରର୍ଡ଼ ଏବଂ ମାନ୍ୟତାପ୍ରାପ୍ତ ବୋର୍ଡ଼ରୁ Diploma in Dentistry କରିଥିବେ ଓ ଏଥିରେ ଅତିକମ୍‌ରେ ତାଙ୍କର ତିନିବର୍ଷର ଅଭିଜ୍ଞତା ଥିବ । (୨) ପ୍ରାର୍ଥୀ Good Communication ରେ ନିପୂଣ ହେବା ଜରୁରୀ ।

### ଉପରୋକ୍ତ ପଦବୀ ପାଇଁ ସର୍ତାବଳୀ

(୧) ପ୍ରାର୍ଥୀଙ୍କ ବୟସ ୨୨-୩୭ ବର୍ଷ ମଧ୍ୟରେ ହୋଇଥିବା ଉଚିତ । (୨) ସେହି ପ୍ରାର୍ଥୀଙ୍କୁ Interview ପାଇଁ ଆମନ୍ତ୍ରଣ କରାଯିବ ଯିଏ ମର୍କଜି କମିଟି ଫର୍ ରିକ୍ରୁଟ୍‌ମେଂଟଙ୍କ ତରଫରୁ କରାଯାଇଥିବା ପରୀକ୍ଷାରେ ଉତୀର୍ଣ୍ଣ ହେବେ । (୩) ଲିଖିତ ପରୀକ୍ଷା ଏବଂ Interview ରେ ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିଆନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ ଉପସ୍ଥାପନ କରିବାକୁ ହେବ । (୪) Interview ରେ ଯୋଗଦେବା ପାଇଁ ଆସିଥିବା ପ୍ରାର୍ଥୀ କାଦିଆନ୍ ଯାତାୟାତ କରିବାର ଖର୍ଚ୍ଚ ଓ ଡ଼ାକ୍ତରି ଫିସ୍ ଇତ୍ୟାଦି ଖର୍ଚ୍ଚ ନିଜେ ବହନ କରିବେ । (୫) ଚୟନ ହେବା କ୍ଷେତ୍ରରେ କାଦିଆନ୍‌ରେ ରହିବାର ଦାୟିତ୍ୱ ପ୍ରାର୍ଥୀଙ୍କର ନିଜସ୍ୱ ହେବ (୬) ପ୍ରାର୍ଥୀଙ୍କ ପାଇଁ ନିଜାରତ୍ ଦିୱାନ୍‌ଙ୍କ ତରଫରୁ ଜାରି କରାଯାଇଥିବା ଫର୍ମ ସହିତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, Experience Certificate, Birth Certificate, Aadhar Card, Voter ID Card ଏବଂ ଯମାତି ରେଜିଷ୍ଟ୍ରେସନ କାର୍ଡ଼ର Attested ନକଲ ଲଗାଇବା ଜରୁରୀ ଅଟେ । (୭) ସାପ୍ତାହିକ ଖବର କାଗଜ ବଦରରେ ଘୋଷଣା ହେବାର ଦୁଇମାସ ପରେ ପରୀକ୍ଷାର ତାରିଖ ବିଷୟରେ ସୁଚନା ଦିଆଯିବ (୮) ଇଚ୍ଛୁକ ପ୍ରାର୍ଥୀ ନିଜ ନିଜର ଦରଖାସ୍ତ ପ୍ରକାଶିତ ଫର୍ମରେ ନିଜ ଜିଲ୍ଲା ଅମୀର / ସ୍ଥାନୀୟ ଅମୀର / ସଦର / ସଦର୍ ଲଜ୍‌ନା / ମୁବଲ୍ଲିଗ୍ ଇନ୍‌ଚାର୍ଜଙ୍କ ତସ୍‌ଦିକ୍ ଦସ୍ତଖତକୁ ମୋହର ସହିତ ପ୍ରେରଣ କରିପାରିବେ (୯) ପ୍ରାର୍ଥୀ Interview ଦେବାକୁ ଆସିବା ବେଳେ ନିଜର ଅସଲ ସାର୍ଟିଫିକେଟ୍‌ଗୁଡ଼ିକୁ ସାଥିରେ ନିଶ୍ଚିତ ଆଣିବେ (୧୦) ପ୍ରାର୍ଥୀ ୱକ୍‌ଫେନୌ ହୋଇଥିବା କ୍ଷେତ୍ରରେ ସଦର୍ ଅଞ୍ଜୁମନ୍ ଅହମଦିୟାର ଯେ କୌଣସି ପଦବୀରେ ଆବେଦନ କରିବା ପୂର୍ବରୁ ସୟଦନା ହଜୁର ଅନୱରଙ୍କଠାରୁ ହାସଲ କରାଯାଇଥିବା ଅନୁମତି ପତ୍ରର ନକଲ ସାମିଲ କରିବା ଜରୁରୀ (୧୧) ଉପରୋକ୍ତ ପଦବୀ ପାଇଁ ବିବରଣୀ ଫର୍ମ ନଜାରତ୍ ଦିୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାରବାର ହେବ ।

## ସଦର ଅଞ୍ଜୁମନ ଅହମଦୀୟା, ଅଞ୍ଜୁମନ ତହ୍‌ରୀକ୍-ଏ-ଜଦିଦ୍, ଅଞ୍ଜୁମନ ୱକ୍‌ଫ-ଏ-ଜଦିଦ୍ କାଦିଆନ୍‌ର କାର୍ଯ୍ୟାଳୟଗୁଡ଼ିକରେ ମାଳି, କେୟାର ଟେକର, ଚୌକିଦାର, ବାବର୍ଚି, ନାନ୍‌ବାଇ ଏବଂ ଖାଦିମ୍ ମସ୍‌ଜିଦ୍ ନିମନ୍ତେ ଚତୁର୍ଥ ଶ୍ରେଣୀ କର୍ମଚାରୀର ପ୍ରାର୍ଥୀ ଆବଶ୍ୟକ

ଯେଉଁ ପ୍ରାର୍ଥମାନେ ଖିଦ୍‌ମତ୍ (ସେବା) କରିବାକୁ ଇଚ୍ଛୁକ ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ କରିପାରିବେ । ପ୍ରାର୍ଥୀମାନଙ୍କୁ ଉପରୋକ୍ତ ଯେ କୌଣସି Catagory ରେ କାଦିଆନ୍ ବା କାଦିଆନ୍ ବାହାରେ କେଉଁଠି ମଧ୍ୟ ମୃତୟନ କରାଯାଇପାରେ ।

### ସର୍ତାବଳୀ

(୧) ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତନାହିଁ (୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହେବା ଜରୁରୀ (୩) ଜନ୍ମ ପ୍ରମାଣପତ୍ର ଦେବା ଜରୁରୀ (୪) ସେହି ପ୍ରାର୍ଥୀମାନେ ସେବା କରିବାକୁ ସୁଯୋଗ ପାଇବେ ଯେଉଁମାନେ ମର୍କଜି କମିଟିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା କର୍ମଚାରୀ ନିଯୁକ୍ତି Interviewରେ ଉତୀର୍ଣ୍ଣ ହେବେ । (୫) ସେହି ପ୍ରାର୍ଥୀମାନଙ୍କୁ ସେବା କରିବାୃ ସୁଯୋଗ ମିଳିବ ଯେଉଁମାନେ ନୂର ହସ୍ପିଟାଲ୍ ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ (୬) ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୭) ଯଦି କୌଣସି ପ୍ରାର୍ଥୀଙ୍କର ଚୟନ ହୁଏ ଏହି ପରିପ୍ରେକ୍ଷିରେ ତାଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ (୮) ଇଚ୍ଛୁକ ପ୍ରାର୍ଥୀ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହ୍‌ମଦିୟା କାଦିଆନ୍‌ଙ୍କ ନିକଟରୁ ହାସଲ କରିପାରିବେ ।

ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା’ଉପରେ ଧ୍ୟାନ ଦିଆଯିବ ।

(ନାଜର ଦିୱାନ୍ କାଦିଆନ୍)

**ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:**

ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ୍ ଅହମଦୀୟା କାଦିଆନ୍

**E-mail: diwan@qadian.in**

**Ph: 01872-501130, (M) 9646351280, 9877138347**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.5 Thursday 06 August 2020 Issue No. 32

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୨୮ ସେପ୍ଟେମ୍ବର ୨୦୧୯ (ଶନିବାର)**
**ରିପୋର୍ଟର ବଳକାଅଂଶ**

ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ୫:୩୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ । ତା'ପରେ କିଛି ସମୟ ପାଇଁ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଏହି ସଭାରେ ସାମିଲ ହୋଇଥିବା ଅତିଥିମାନଙ୍କ ନିମନ୍ତେ ସାଧଂଭୋଜନର ବ୍ୟବସ୍ଥା କରାଯାଇଥିଲା । ସଂଧ୍ୟା ୬:୧୫ରେ ହଜୁର ଅନଓ୍ୱର ଅ:ବ:ଅ ପଦାର୍ପଣ କରି ଅତିଥିମାନଙ୍କ ସହିତ ଭୋଜନ ଗ୍ରହଣ କଲେ । ଭୋଜନ ପରେ ଅତିଥିମାନେ ଜଣ ଜଣ କରି ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟକୁ ଆସି ନିଜର ପରିଚୟ ପ୍ରଦାନ କରୁଥିଲେ ଏବଂ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କରୁଥିଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଅତିଥିମାନଙ୍କ ସଙ୍ଗେ ବାର୍ତାଳାପ କରୁଥିଲେ ।

ଅଣଯମାତୀୟ ଅତିଥିମାନଙ୍କ ସହିତ ଏହି ପ୍ରୋଗ୍ରାମ ସଂଧ୍ୟା ୭ଟା ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅ ସାମିୟାନା ଭିତରୁ ବାହାରକୁ ଆସିଲେ ସେତେବେଳେ ଆଇଭୋରି କୋଷ୍ଟରୁ ଆସିଥିବା ଜଣେ ଅହେମଦୀ ଯୁବକ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହାତ ମିଳାଇଲେ । ସେ ହେଉଛନ୍ତି ଇଦ୍‌ରିସା କୋନେ ସାହେବ, ସେ ଆଇଭୋରି କୋଷ୍ଟରୁ ପାଇଲଟ ପାଠ ପଢ଼ିବାପାଇଁ ଏବଂ ଟ୍ରେନିଙ୍ଗ ନେବାପାଇଁ ଏକବର୍ଷ ନିମନ୍ତେ ବେଲ୍‌ଜିୟମ ଆସିଛନ୍ତି । ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ପଚାରିଲେ, ଆପଣ କେଉଁ ଏୟାରଲାଇନ୍ ପାଇଁ କାମ କରୁଛନ୍ତି । ଏଥିରେ ସେ ମହାଶୟ କହିଲେ ମୁଁ Air Cote D'Ivore ପାଇଁ କାମ କରୁଅଛି । ପୁଣି ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେ ବତାଇଲେ ଯେ, ସେ ଆଫ୍ରିକୀୟ ଦେଶଗୁଡ଼ିକରେ ସେ ଜାହାଜ ଚଳାଉଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ପୁଣି ପଚାରିଲେ, କଣ ଆପଣ ଜନ୍ମଗତ ଅହେମଦୀ କି ? ଏଥିରେ ସେ ଉତର ଦେଲେ ଯେ, ସେ କିଛି ବର୍ଷପୂର୍ବେ ବୟତ କରିଛନ୍ତି । ତା'ପରେ ସେ ହଜୁରଙ୍କ ଗୋଚରେ ଦୁଆ କରିବାପାଇଁ ନିବେଦନ କଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ଆପଣଙ୍କୁ ସଫଳତା ପ୍ରଦାନ କରନ୍ତୁ ।

ତା'ପରେ ସେ ମହାଶୟ କହିଲେ ଯେ, ତାଙ୍କୁ ପାଇଲଟ ହେବାପାଇଁ ଯେଉଁ ଚୟନ କରାଯାଇଅଛି ତାହା କେବଳ ହଜୁରଙ୍କ ଆର୍ଶିବାଦ ଯୋଗୁଁ ହିଁ ହୋଇଛି । ଘଟଣାଟି ହେଉଛି ଏପରି ଯେ, ସେ କିଛି ବର୍ଷ ପୂର୍ବେ ଯେତେବେଳେ ଜଲ୍‌ସା ସାଲାନା ଆଇଭୋରି କୋଷ୍ଟରେ ସାମିଲ ହୋଇଥିଲେ, ସେତେବେଳେ ସେଠାରେ ତାଙ୍କର ଜଣେ ସାଙ୍ଗ ତାଙ୍କୁ କହିଲା ଯେ, ମୁଁ ଗୋଟିଏ ଇସ୍ତେହାର୍ ଦେଖିଛି ଯେ, ଏୟାର ଆଇଭୋରି କୋଷ୍ଟ ଲୋକମାନଙ୍କୁ ନିଜର ସେବା ଯୋଗାଇବା ପାଇଁ ଗୋଟିଏ ପ୍ରତିଯୋଗିତା କରାଉଛି କିନ୍ତୁ ଫାଇଲ ଜମା କରିବାର ତାରିଖ ଚାଲିଗଲାଣି । ସେ ପୁଣି କହିଲେ ଯେ, ତାରିଖ ଚାଲିଯାଇଥିବା ସତ୍ୱେ ମଧ୍ୟ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଦୁଆ କରିବାପାଇଁ ଲେଖିଲି ଓ ତତ୍‌ସହିତ ନିଜର ଫାଇଲ ମଧ୍ୟ ଜମା କରିଦେଲି । କିଛି ଦିନ ପରେ ତାଙ୍କୁ ଉତର ଆସିଲା ଯେ, ଯଦିଚ ଆପଣ ଫାଇଲ ବିଳମ୍ବରେ ଜମା କରିଛନ୍ତି ତଥାପି ଆମେ ଆପଣଙ୍କୁ ଅନୁମତି ଦେଉଛୁ ଯେ, ଆପଣ ଏହି ପ୍ରତିଯୋଗିତାରେ ଭାଗ ନିଅନ୍ତୁ ।

ତା'ପରେ ସେ ସେହି ପ୍ରତିଯୋଗିତା ପାଇଁ ଲିଖିତ ପରୀକ୍ଷା ଦେଲେ ଓ ଏକ ହଜାର ପ୍ରାର୍ଥୀମାନଙ୍କରୁ କେବଳ ୧୫ଜଣ ପ୍ରାର୍ଥୀ ଚୟନ କରାଗଲା ଓ ସେଥିରେ ତାଙ୍କ ନାମ ମଧ୍ୟ ସାମିଲ ଥିଲା । ସେ ମହାଶୟ କହିଲେ, ଏହା ସବୁକିଛି ହଜୁର ଅନଓ୍ୱର ଅ:ବ:ଅଙ୍କ ଦୁଆ/ଆର୍ଶିବାଦ ଯୋଗୁଁ ହୋଇଛି । ସେ ପୁଣି କହିବାକୁ ଲାଗିଲେ ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏମ୍‌ଟିଏରେ ଦେଖୁଥିଲି ଆଜି ଜୀବନରେ ପ୍ରଥମଥର ପାଇଁ ନିଜ ଆଖିଦ୍ୱାରା ଏତେ ନିକଟରେ ଦେଖୁଅଛି ଏବଂ ହଜୁରଙ୍କ ସହିତ ବାର୍ତାଳାପ କରୁଅଛି । ହଜୁର ଅନଓ୍ୱର ଅ:ବ:ଅ ବହୁତ ସମୟ ପର୍ଯ୍ୟନ୍ତ ମୋ ହାତକୁ ଧରି ରଖିଲେ ଆଜି ମୁଁ ଅତ୍ୟନ୍ତ ଭାଗ୍ୟବାନ ତେଣୁ ମୁଁ ନିଜ ଜୀବନର ଏହ କ୍ଷଣକୁ କେବେ ବି ଭୁଲାଇ ପାରିବି ନାହିଁ । ଏହାପରେ ହଜୁର ଅନଓ୍ୱର ଅ:ବ:ଅ ନିଜ କାର୍ଯ୍ୟାଳୟକୁ ଚାଲିଗଲେ ଓ ସେଠାରେ ଚିଠିପତ୍ର, ରିପୋର୍ଟସ ଇତ୍ୟାଦି ଦେଖିଲେ । ଓ ସେଥିରେ ହିଦାୟତ ପ୍ରଦାନ କଲେ ।

ଠିକ୍ ୮ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷମାନଙ୍କ ଜଲ୍‌ସାଗାଃରେ ପଦାର୍ପଣ କରି ମଗ୍‌ରିବ୍ ଏବଂ ଇସା ନମାଜ୍ ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଶୁଣିବାପରେ ଅତିଥିମାନଙ୍କର**
**ମନୋଭାବ ବ୍ୟକ୍ତ**

ହଜୁର ଅନଓ୍ୱର ଅ:ବ:ଅଙ୍କର ଆଜିର ଅଭିଭାଷଣ ଶୁଣିବାପରେ ସେଥିରେ ଉପସ୍ଥିତ ଥିବା ଅଣମୁସଲିମ୍ ଓ ଅଣଯମାତିୟ ଅତିଥିମାନେ ନିଜ ନିଜର ମନୋଭାବକୁ ବ୍ୟକ୍ତ କରିଛନ୍ତି ।

ଜଣେ ଅତିଥି Gert Van Den Berg ସାହେବ ଯିଏ ହେଉଛନ୍ତି ନନସ୍ୱିଟ୍‌ର କାଉନ୍‌ସିଲର, ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ବହୁତ ଦିନପୂର୍ବେ ମୁଁ ଏଠାକୁ ଆସିବାପାଇଁ ପସନ୍ଦ କରୁନଥିଲି । କିନ୍ତୁ ଏବେ ଆମର ସମ୍ପର୍କ ବହୁତ ଉତମ ହୋଇଯାଇଛି । ମୁଁ ଖଲିଫାଙ୍କ ନନ୍‌ସ୍ୱିଟ୍ ଆସିବା ଯୋଗୁଁ ଖଲିଫାଙ୍କୁ ସ୍ୱାଗତ ମଧ୍ୟ କରିଛି କିନ୍ତୁ ମୁଁ ଖଲିଫାଙ୍କ ଅଭିଭାଷଣ ଶୁଣିବାପାଇଁ ପୁର୍ନବାର ଏଠାକୁ ଆସିବାପାଇଁ ଚାହୁଁଥିଲି । ମୁଁ ଖଲିଫାଙ୍କ ଅଭିଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ଆପଣ ସମସ୍ତଙ୍କ ମଧ୍ୟରେ ଏକ ଗଭୀର ବନ୍ଧୁତ୍ୱ ଥିବାର ଅନୁଭବ ହେଉଅଛି । ଆପଣମାନେ ସମାଜପାଇଁ ଏକ କର୍ମଠ ସମ୍ପ୍ରଦାୟ ଏଣୁ ଏଠାକୁ ଆସିବାପାଇଁ ମନ କଲା ।

ରୋଟର୍ ଡ଼ାମ୍ ସହରରୁ ଆସିଥିବା ଜଣେ ଅତିଥି Erik Jan Klijn ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଯେ ଆପଣଙ୍କ ଏହି ଜଲ୍‌ସା ବହୁତ ଶାନ୍ତିପୂର୍ଣ୍ଣ ଜଲ୍‌ସା ଥିଲା । ଖଲିଫା ସାହେବଙ୍କର ସବୁଠାରୁ ଭଲକଥା ଯାହା ମୋ ମନକୁ ଛୁଇଁଗଲା ତାହା ହେଉଛି ଏହା କି ସେ ମାନବିକ ଅଧିକାର ଉପରେ ସେ କଥା ହେଲେ ଓ ଲୋକମାନଙ୍କୁ ଶାନ୍ତି ଓ ସୌହାର୍ଦ୍ଧ୍ୟର ପ୍ରଥାଆଡ଼କୁ ଡ଼ାକିଲେ ।

ରୋଟର୍ ଡ଼ାମ୍‌ରୁ ଆସିଥିବା ଆଉ ଜଣେ ଅତିଥି Herman Mee Ter ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଏ ଜଲ୍‌ସା କୁ ଆସିବା ପୂର୍ବରୁ ମୁଁ ବହୁତ ବ୍ୟସ୍ତବିବ୍ରତ ହୋଇଯାଇଥିଲି ଯେ, ଏହି ଜଲ୍‌ସାରେ ମୁସଲମାନମାନେ ଏକାଠି ହେଉଛନ୍ତି ଜଣାନାହିଁ କଣ ସବୁ ଘଟିବ । କିନ୍ତୁ ଏଠାକୁ ଆସି ବହୁତ ଆଶ୍ଚର୍ଯ୍ୟ ହେଲି ଯେ, ଏଠାରେ ତ କେବଳ ଶାନ୍ତି ପ୍ରତିଷ୍ଠାପାଇଁ ଚର୍ଚ୍ଚା ଚାଲିଛି । ମତେ ଖଲିଫାଙ୍କର ଏକଥା ସବୁଠାରୁ ଭଲ ଲାଗିଲା ଯେ, ସେ ବହୁତ ଦମ୍ଭରେ କଥା ହେଉଥିଲେ । କୋପ ସାଧାରଣତଃ ଶାନ୍ତି ଉପରେ କଥା ହୋଇଥାନ୍ତି କିନ୍ତୁ ଆପଣଙ୍କ ଖଲିଫା ଖୋଲାଖୋଲି ଭାବେ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କୁ ସମ୍ବୋଧନ କରି କଥା ହେଉଥିଲେ ।

ଆଉ ଜଣେ ମହିଳା ଯାହାଙ୍କ ନାମ ହେଉଛି Christna ସାହିବା ବର୍ଣ୍ଣନା କଲେ ଯେ, ମୁଁ ଯମାତ୍‌କୁ ବହୁତ ଦିନରୁ ଜାଣିଛି । ଏ ଯମାତ୍‌ର ଏକ ବିଶେଷ ଚରିତ୍ର ହେଉଛି ଅତିଥି ସତ୍କାର କରିବା । ଯମାତ୍ର ମାର୍ଗଦର୍ଶକ ହେଉଛନ୍ତି ଉତମ ସେଥିଯୋଗୁଁ ଯମାତ୍ ମଧ୍ୟ ଭଲ । ମତେ ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣ ବହୁତ ଭଲ ଲାଗିଲା । ଖଲିଫା ପ୍ରତ୍ୟେକ କଥାକୁ ବହୁତ ସ୍ପଷ୍ଟଭାବେ ଖୋଲିଖୋଲି ବର୍ଣ୍ଣନ କଲେ । ଖଲିଫା ଯାହା କହିଶେ ତାହା ଅବିକଳ ବର୍ତମାନ ସମୟ ପାଇଁ ଆବଶ୍ୟକ ଥିଲା ।

ଆମଷ୍ଟରଡ଼ାମ୍‌ରୁ ଆସିଥିବା ଜଣେ ଅତିଥି Siros Raja Jugde ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ହଜୁର ଅନଓ୍ୱର ଅ:ବ:ଅଙ୍କ ବାର୍ତା ବହୁତ ଶାନ୍ତିପୂର୍ଣ୍ଣ ଥିଲା ଓ ହୃଦୟ ଉପରେ ବହୁତ ପ୍ରଭାବ ପକାଉଥିଲା । ଜଲ୍‌ସା ବହୁତ ସୁସଂଘଟିତ ଥିଲା । ମୁଁ ସମସ୍ତ ବ୍ୟବସ୍ଥାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲି ।

ଜଣେ ନୂଆ ଅହେମଦୀ ବନ୍ଧୁ ତୌଫିକ୍ ଜାମାଓ୍ୱି ସାହେବ୍, ତାଙ୍କ ସମ୍ବନ୍ଧ ମରାକିସ୍ ସହିତ ଅଛି ଏବଂ ସେ ବେଲ୍‌ଜିୟମ୍‌ରେ ରହୁଛନ୍ତି ଓ ସେଥିରୁ ଏହି ପ୍ରୋଗ୍ରାମରେ ଯୋଗ ଦେବାପାଇଁ ଆସିଥିଲେ । ସେ ବର୍ଣ୍ଣନା କରୁଛନ୍ତି ଯେ, ଆମେ ଏଥିପାଇଁ ଏଠାକୁ ଆସିଛୁ ଯେ, ହଜୁରଙ୍କୁ ଦେଖିପାରିବୁ ଓ ହଜୁରଙ୍କ ପଛରେ ନମାଜ ପଢ଼ିପାରିବୁ । ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣର ଗୋଟିଏ ଗୋଟିଏ ଶବ୍ଦ ଆମ ମନକୁ ଛୁଇଁ ପାରିଛି । ହଜୁର ଅନଓ୍ୱର ଅ:ବ:ଅ ରସୁଲେ କରିମ୍ ସ:ଆ:ସଙ୍କ ଆଦର୍ଶକୁ ଉପସ୍ଥାପନ କରି ପୃଥିବୀବାସୀଙ୍କୁ ଇସ୍‌ଲାମ୍‌ର ଅସଲ ସ୍ୱରୁପକୁ ଦେଖାଉଛନ୍ତି । ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଆମମାନଙ୍କ ଭିତରେ ଏକ ନୂଆ ଜୀବନ ସଂଚାର କରିଦେଇଛି ।

ବେଲ୍‌ଜିୟମ୍‌ରୁ ଦୁଇଜଣ ନୂଆ ଅହେମଦୀ ଆସିଥିଲେ ଜଣକ ନାମ ହେଉଛି, ଶେଖ୍ ହସନ୍ ଯାହାଙ୍କର ସମ୍ବନ୍ଧ ମରାକିଶ୍ ଦେଶ ସହିତ ରହିଛି ଓ ଅନ୍ୟଜଣଙ୍କ ନାମ ହେଉଛି ବଶିର୍ ବିନ୍ କହ୍‌ଲା ସାହେବ୍ ତାଙ୍କର ସମ୍ବନ୍ଧ ଅଲ୍‌ଜଜାଇର୍ ସହିତ ରହିଛି । ଏହି ଦୁଇଜଣ ଯାକ କେତେକ ଖଳ ଲୋକଙ୍କ ଯୋଗୁଁ ଧିରେ ଧିରେ ଯମାତ୍‌ରୁ ଦୁରେଇ ଯାଉଥିଲେ । ପୁଣି ସେମାନେ ଯମାତ୍‌ର ହ୍ୱାଟସ୍‌ଆପ୍ ଗ୍ରୁପ୍‌କୁ ମଧ୍ୟ ଛାଡ଼ିଦେଇଥିଲେ । ସେମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣ ଶୁଣିବାପରେ ଏକଥା ସ୍ପଷ୍ଟଭାବେ ପ୍ରକାଶ

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan